

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୨୪ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 APRIL 2024
Vol.No. 35 ■ No.110 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସରିଲା ନିର୍ବାଚନ ପ୍ରଚାର

## ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ବିଭିନ୍ନ ଦଳର ହେଭିୱେଟ ନେତା




ନୂଆଦିଲ୍ଲୀ, ୨୩/୪ : ୨ୟ ପର୍ଯ୍ୟାୟ ମତଦାନ ପାଇଁ ଆଜି ସରିଛି ପ୍ରଚାର । ଶେଷ ଦିନରେ ପ୍ରଚାର ମଇଦାନରେ ଦେଖିବାକୁ ମିଳିଛନ୍ତି ହେଭିୱେଟ ନେତା । ପ୍ରାର୍ଥୀଙ୍କ ପାଇଁ ମଇଦାନରେ ନଜର ଆସିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା । ବିଶାଳ ରାଲି ସହ ଜନସଭା କରି ଭୋଟ ମାଗିଛନ୍ତି ନେତା । ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ସିନେ ଷ୍ଟାର । ପୱନ କଲ୍ୟାଣଙ୍କୁ ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ୨୬ ତାରିଖ ଅର୍ଥାତ ଶୁକ୍ରବାର ୧୨ ରାଜ୍ୟର ୮୮ ଲୋକସଭା ଆସନ ପାଇଁ ଭୋଟ ପଡିବ । ୧୨୦୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରିକ୍ଷା କରିବେ ଭୋଟର । କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତ୍ରିପୁରା, ପଶ୍ଚିମବଙ୍ଗ, ଆସାମ, ବିହାର, ଛତିଶଗଡ, ଜମ୍ମୁକଶ୍ମୀର ଲୋକସଭା ଆସନ ପାଇଁ ହେବ ମତଦାନ ।

# ମୋକିମଙ୍କୁ ସୁପ୍ରିମ ଆଶ୍ୱସ୍ତି: ମିଳିଲା ଜାମିନ



ଭୁବନେଶ୍ୱର, ୨୩/୦୪ (ନି.ପ୍ର): କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ମିଳିଲା ଆଶ୍ୱସ୍ତି। ଓଆରଏଚଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ମୋକିମଙ୍କ ଆବେଦନକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ଭିଜିଲାନ୍ସକୁ ନୋଟିସ କରିଛନ୍ତି । ତେବେ ଜାମିନ ମିଳିବା ପରେ ବି ମୋକିମ ଆଗାମୀ ନିର୍ବାଚନ ଲଢ଼ି ପାରିବେ ନା ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଓଆରଏଚଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ କରିଥିଲେ ଭିଜିଲାନ୍ସ କୋର୍ଟ । ଏହାକୁ ବିରୋଧ କରି ମୋକିମ ହାଇକୋର୍ଟ ଯାଇଥିବା ବେଳେ ସେଠାରୁ ନିରାଶ ହୋଇଥିଲେ। କାରଣ ଭିଜିଲାନ୍ସ କୋର୍ଟଙ୍କ ରାୟକୁ କାଏମ ରଖିଥିଲେ ହାଇକୋର୍ଟ । ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ ମୋକିମ। ଆଜି ସେଠାରୁ ମୋକିମଙ୍କୁ ଆଶ୍ୱସ୍ତି ମିଳିଛି। ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିବା ବେଳେ ଏହାର ସର୍ତ୍ତ ଅନୁଯାୟୀ ସେ ଗିରଫ ହେବାର ସମ୍ଭାବନା ନାହିଁ। ଏଥିସହ ମୋକିମଙ୍କ ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉପରେ ଶୁଣାଣି ହେବ । ଏଥିସହ ଭିଜିଲାନ୍ସକୁ ବି ନୋଟିସ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବେଶ୍ ଖୁସି ଥିବା ମହମ୍ମଦ ମୋକିମ କହିଛନ୍ତି, ▶▶ପୃଷ୍ଠା ୭

# ଗ୍ରୀଷ୍ମ ପ୍ରବାହରୁ ନିସ୍ତାର ନାହିଁ: ଶୁକ୍ର ଓ ଶନିବାର ଅସମ୍ଭାଳ କରିବ !



ଭୁବନେଶ୍ୱର, ୨୩/୦୪ (ନି.ପ୍ର): ଏବେ ରାଜ୍ୟରେ ଗ୍ରୀଷ୍ମ ପ୍ରବାର ଜାରି ରହିଛି। ଯେଉଁଥିପାଇଁ ପୂରା ରାଜ୍ୟ ଆଉଟୁପାଉଟୁ ହେଉଛି। ତେବେ ଆଗାମୀ ଶୁକ୍ରବାର ଓ ଶନିବାର ସ୍ଥିତି ଆହୁରି ଭୟଙ୍କର ହେବ। ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଭୟଙ୍କର ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଯେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ତାପମାତ୍ର ୪୪ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୁଧବାର ଓ ଗୁରୁବାର ନୂଆପଡ଼ା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ (ଉଷ୍ମ-ଆଦ୍ରତା) ଖରା ସାଙ୍ଗକୁ ▶▶ପୃଷ୍ଠା ୭

# ଓଡ଼ିଶା ପାଇଁ ବିଜେପିର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ: ମୋଦିଙ୍କ ସମେତ ଅଛି ୪୦ ନାମ




ଭୁବନେଶ୍ୱର, ୨୩/୦୪ (ନି.ପ୍ର): ଓଡ଼ିଶା ପାଇଁ ଆଜି ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି ବିଜେପି। ଉଭୟ ଲୋକସଭା ଓ ବିଧାନସଭା ପାଇଁ ପ୍ରକାଶ ପାଇଛି ଏହି ଷ୍ଟାର ପ୍ରଚାରକ ତାଲିକା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମୋଟ ୪୦ ଜଣଙ୍କ ନାଁ ରହିଛି। ସେମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନେକ କେନ୍ଦ୍ର ମନ୍ତ୍ରୀ ରହିଛନ୍ତି। ଓଡ଼ିଶା ପାଇଁ ପ୍ରସ୍ତୁତ ହୋଇଥିବା ଷ୍ଟାର ପ୍ରଚାରକ ତାଲିକାରେ ମୋଦିଙ୍କ ସହିତ ରହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ, ଭୂପେନ୍ଦ୍ର ଯାଦବ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ବିଜୟପାଲ ସିଂହ ତୋମାର, ସୁଶ୍ରୀ ଲତା ଉସେଣ୍ଡି, ଶାନ୍ତନୁ ଠାକୁର, ▶▶ପୃଷ୍ଠା ୭

# ଶହେ ଟଙ୍କା ପାଇଁ ପୁଅକୁ ହାଣିଲା ବାପା

କଟକ, ୨୩/୪ (ନି.ପ୍ର): ମାତ୍ର ଶହେ ଟଙ୍କା ପାଇଁ ବାପପୁଅଙ୍କ ମଧ୍ୟରେ ହେଲା ବଚସା। ଏହି ବଚସା କ୍ରମଶଃ ଉଗ୍ର ରୂପ ଧାରଣ କରିବାରୁ ରକ୍ତମୁଖା ସାଜିଲା ବାପା। ଯେଉଁ ପୁଅକୁ ଦୁନିଆର ଆଲୋକ ଦେଖାଇଥିଲା, ତା'କୁ ଦୁନିଆରୁ ପଠାଇବାର ଯୋଜନା କଲା। ପୁଅ ଶୋଇଥିବା ବେଳେ କଟୁରୀରେ ହାଣିଦେଲା ଜହ୍ଲାଦ ବାପା। ଏପରି ଏକ ଅଭାବନୀୟ ଘଟଣା କଟକ ଜିଲ୍ଲା ମାହାଙ୍ଗା ଥାନା ଲଳିତଗିରି ଗାଁରେ ଘଟିଛି। ଅଭିଯୁକ୍ତ ବାପା ମାନସ ବେହେରାଙ୍କୁ ବାନ୍ଧିଛି ପୁଲିସ୍ । ପୁଅ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଗତକାଲି ଶହେ ▶▶ପୃଷ୍ଠା ୭

# ଅରବିନ୍ଦ କେଜରିୱାଲଙ୍କୁ ତିହାର ଜେଲ୍‌ରେ ଦିଆଗଲା ଇନସୁଲିନ

ନୂଆଦିଲ୍ଲୀ, ୨୩/୪ (ନି.ପ୍ର): ତିହାଡ଼ ଜିଲ୍ଲାରେ ବନ୍ଦ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗତକାଲି ସଂନ୍ଧ୍ୟାରେ ଇନସୁଲିନ୍ ଦିଆଯାଇଛି । ଯଦିଓ ଜିଲ୍ଲା ପ୍ରଶାସନ ଏନେଇ ସ୍ପଷ୍ଟ ଭାବେ କିଛି କହିନାହିଁ । କିନ୍ତୁ, ଜିଲ୍ଲା ସୂତ୍ରରୁ କୁହାଯାଇଛି ଯେ, କେଜରିୱାଲଙ୍କୁ ପ୍ରଥମ ଥର ଇନସୁଲିନ୍ ଦିଆଯାଇଛି । କୁହାଯାଉଛି ଯେ, କେଜରିୱାଲଙ୍କ ସୁଗାରର ସ୍ତର ୨୧୭ ପର୍ଯ୍ୟନ୍ତ ପହଂଚି ଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ସୁଗାରର ସ୍ତର ଏବଂ ଇନସୁଲିନ୍ ଦାବି ଉପରେ ବିଗତ କିଛି ଦିନ ହେଲା ଆମ୍ ଆଦମୀ ପାର୍ଟି (ଆପ୍) ଏବଂ ଭାଜପା ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଜାରି ରହିଥିଲା । ତେବେ ଆମ୍ ଆଦମୀ ପାର୍ଟି ଏକ୍ସ ହ୍ୟାଣ୍ଡେଲରେ ଲେଖିଛି ଯେ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଶେଷରେ ଜେଲ୍‌ରେ ଇନସୁଲିନ୍ ଦିଆଯାଇଛି । ଯାହାକି ତାଙ୍କର ବହୁତ ଜରୁରୀ ଥିଲା । ଜେଲ୍ ପ୍ରଶାସନର ଅନୁସାରେ, ଗତ ସଂନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କେଜରିୱାଲ କହିଥିଲେ ଯେ, ତାଙ୍କୁ ସମସ୍ୟା ହେଉଛି । ଏହାପରେ ଜେଲ୍ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଂଚ୍ କରିଥିଲେ । କେଜରିୱାଲଙ୍କ ସୁଗାରର ସ୍ତର ୨୧୭ ଥିଲା । ଏହାପରେ ଭୋଜନ କରିବାର ଠିକ୍ ପୂର୍ବରୁ ସଂନ୍ଧ୍ୟା ୭ଟାରେ ତାଙ୍କୁ ଇନସୁଲିନ୍ ଦିଆଯାଇଥିଲା ।

# ବିଜେଡି ଛାଡ଼ିଲେ ରାସେଶ୍ୱରୀ ପାଣିଗ୍ରାହୀ: କହିଲେ- ଯାହାଙ୍କୁ ଅଯୋଗ୍ୟ କହି ବରଖାସ୍ତ କରିଥିଲେ, ତାଙ୍କୁ ଟିକେଟ ଦେଲେ



ସମ୍ବଲପୁର, ୨୩/୪ (ନି.ପ୍ର): ବିଜେଡିରୁ ଇସ୍ତଫା ଦେଲେ ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ। ସେ ଦଳର ପ୍ରାଥମିକ ସଦସ୍ୟ ସହ ସମସ୍ତ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ସେ ଟିକେଟ ଆଶାୟୀ ଥିଲେ। କିନ୍ତୁ ନମିଳିବାରୁ ଅସନ୍ତୁଷ୍ଟ ହୋଇଥିଲେ। ବିଜେଡିରୁ ଇସ୍ତଫା ଦେବା ପରେ ସାମ୍ବାଦିକ ସମ୍ମିଳନୀ କରି ରାସେଶ୍ୱରୀ ପାଣିଗ୍ରାହୀ କହିଥିଲେ, ସମ୍ବଲପୁରର ସ୍ୱାଭିମାନ ଓ ଅସ୍ମିତା ପାଇଁ ବିଜେଡି ଛାଡ଼ିଲି। ଯାହାକୁ ଅଯୋଗ୍ୟ କହି ବରଖାସ୍ତ କରିଥିଲେ, ତାଙ୍କୁ ଟିକେଟ ଦେଲେ। ସମ୍ବଲପୁରରେ କ'ଣ ନେତା ନାହାନ୍ତି, ବାହାରୁ ଆଣି ଲଢ଼ାଉଛନ୍ତି। ଦଳ ଯେଉଁ ନିଷ୍ପତ୍ତି ନେଲା ତାହା ସମ୍ବଲପୁର ▶▶ପୃଷ୍ଠା ୭

# କାଲି ବିଜେଡି କାଟିଥିଲା ଟିକେଟ: ଆଜି ବିଜେପିରେ ମିଶିଲେ ବିଧାୟିକା



ହିନ୍ଦୋଳ, ୨୩/୪ (ନି.ପ୍ର): ଗତକାଲି ବିଜେଡି କାଟିଥିଲା ଟିକେଟ। ଆଜି ବିଜେଡିରେ ଯୋଗ ଦେଲେ ବିଧାୟିକା ସୀମାରାଣୀ ନାୟକ। ଲଗାତାର ଦୁଇ ଥର ହିନ୍ଦୋଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ସୀମାରାଣୀଙ୍କୁ ଏଥର ଟିକେଟ ଦେଇନି ବିଜେଡି। ତାଙ୍କ ବଦଳରେ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ହିନ୍ଦୋଳରୁ ପ୍ରାର୍ଥୀ କରିଛି ଦଳ। ଏଥିରେ କ୍ଷୁବ୍ଧ ହୋଇ ବିଜେଡି ଛାଡ଼ି ଆଜି ବିଜେପିରେ ମିଶିଛନ୍ତି ବିଧାୟିକା ସୀମାରାଣୀ ନାୟକ। ବିଜେପି ସୀମାରାଣୀଙ୍କୁ ହିନ୍ଦୋଳରୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ବିଜେଡି ଓ କଂଗ୍ରେସ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ ବି ବିଜେପି କରି ନାହିଁ। ତେଣୁ ଦଳ ସୀମାରାଣୀଙ୍କୁ ଟିକେଟ ଦେବାର ଅଧିକ ସମ୍ଭାବନା ଥିବା କୁହାଯାଉଛି। ଟିକେଟ କଟିବା ପରେ ଏକ ପ୍ରକାର ଭାଙ୍ଗି ପଡ଼ିଥିଲେ ▶▶ପୃଷ୍ଠା ୭

# ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା: କ୍ଷମା ପ୍ରାର୍ଥନାର ଆକାର ସମାନ କି ?



ନୂଆଦିଲ୍ଲୀ, ୨୩/୪ : ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଯୋଗ ଗୁରୁ ବାବା ରାମଦେବ ଓ ପତଞ୍ଜଳି ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଅମୁନି ଅଡୁଆ। ଏହି ମାମଲାରେ ଆଜି ପୁଣି ଥରେ ରାମଦେବ ଓ ବାଳକୃଷ୍ଣ ସୁପ୍ରିମକୋର୍ଟରେ ହାଜର ହୋଇଛନ୍ତି। ତେବେ ଶୁଣାଣି ବେଳେ ଆଜି ମଧ ସୁପ୍ରିମକୋର୍ଟ ଏମାନଙ୍କ ଉପରେ ବର୍ଷିଛନ୍ତି। ପତଞ୍ଜଳି ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ସେତିକି ବଡ କି ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ହିମା କୋହଲି ଓ ଜଷ୍ଟିସ ଅମନାତୁଲ୍ଲାଙ୍କ ଖଣ୍ଡପୀଠ ପୂର୍ବ ଶୁଣାଣି ବେଳେ ବାବା ରାମଦେବ ଓ ବାଳକୃଷ୍ଣଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ। ତେବେ ଡେଡ୍‌ଲାଇନ୍ ସରିବାର ଦିନକ ପୂର୍ବରୁ ପତଞ୍ଜଳି ତରଫରୁ କ୍ଷମା ପ୍ରାର୍ଥନା ପ୍ରକାଶିତ କରାଯିବାକୁ ନେଇ ସୁପ୍ରିମକୋର୍ଟ ବର୍ଷିଛନ୍ତି। ଶୁଣାଣିର ଠିକ୍ ଦିନକ ପୂର୍ବରୁ କାହିଁକି କ୍ଷମା ପ୍ରାର୍ଥନା ପ୍ରକାଶିତ କରାଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ତାହାଛଡ଼ା ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ବି ସେତିକି ବଡ଼ କି ବୋଲି ଖଣ୍ଡପୀଠ ▶▶ପୃଷ୍ଠା ୭

# ନ୍ୟାୟିକ ହେପାଜତ ଅବଧି ବୃଦ୍ଧି: ଜେଲରେ ରହିବେ ଅରବିନ୍ଦ କେଜ୍ରିୱାଲ ଓ କେ. କବିତା



ନୂଆଦିଲ୍ଲୀ, ୨୩/୪ : ନ୍ୟାୟିକ ହେପାଜତକୁ ଗଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ବିଆରଏସ ନେତ୍ରୀ କେ କବିତା। ଉଭୟଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି। ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇ ତିହାର ଜେଲରେ ଅଛନ୍ତି କେଜ୍ରିୱାଲ ଓ କବିତା। ଆସନ୍ତା ୭ରେ ଉଭୟଙ୍କୁ କୋର୍ଟରେ ହାଜର କରାଯିବ। ସୁପ୍ରିମକୋର୍ଟରେ ମଧ କେଜ୍ରିୱାଲଙ୍କ ଏକ ମାମଲା ବିଚାରଧୀନ ରହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଗିରଫଦାରୀ ବିରୁଦ୍ଧରେ କେଜ୍ରିୱାଲ କରିଥିବା ଆବେଦନ ସୁପ୍ରିମକୋର୍ଟରେ ବିଚାରଧୀନ ଅଛି। ଏପ୍ରିଲ ୧୫ରେ ସର୍ବୋଚ୍ଚ ଅଦାଲତ ଏ ଉପରେ ଶୁଣାଣି କରି ତୁରନ୍ତ ଜାମିନ ଦେବାକୁ ମନା କରିଦେଇଥିଲେ। ଇଡି କେତେକ ପ୍ରଶ୍ନର ଜବାବ ଦାଖଲ କରିବା ପରେ ଏପ୍ରିଲ ୨୯ରେ ଏ ଉପରେ ପରବର୍ତ୍ତୀ ଶୁଣାଣି ହେବ। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ କେଜ୍ରିୱାଲ ଓ କେ କବିତା ଗିରଫ ହୋଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିଥିଲା। କିନ୍ତୁ ତଦନ୍ତକାରୀ ସଂସ୍ଥାର ଏହି କାର୍ଯ୍ୟାନୁଷ୍ଠାନ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଲୋକସଭା ନିର୍ବାଚନ ମଧ୍ୟରେ ତୁରନ୍ତ ଜାମିନ ପାଇଁ ଆବେଦନ କରି ଆସୁଥିଲେ ମଧ ତଳ କୋର୍ଟଠୁ ହାଇକୋର୍ଟଙ୍କ ପର୍ଯ୍ୟନ୍ତ ସବୁଠି ତାଙ୍କୁ ନିରାଶ ହେବାକୁ ପଡିଛି। ବର୍ତ୍ତମାନ ନ୍ୟାୟିକ ହେପାଜତକୁ ଯାଇଥିବା ବେଳେ ଆସନ୍ତା ୨୯ରେ ସୁପ୍ରିମକୋର୍ଟରେ ଜାମିନ ଆବେଦନର ଶୁଣାଣି ରହିଛି। ତେବେ ନିର୍ବାଚନ ମଧ୍ୟରେ କେଜ୍ରିୱାଲଙ୍କୁ ଜାମିନ ମିଳୁଛି କି ନାହିଁ ତା ଉପରେ ସମସ୍ତଙ୍କ ନଜର।

# ବନାଗ୍ନି କମାଇଲା କାଳବୈଶାଖୀ: ୨୧୦ ସ୍ଥାନରେ ନିଆଁ, ୧୯ଟି ବଡ଼ଧରଣର



ଭୁବନେଶ୍ୱର, ୨୩/୪ (ନି.ପ୍ର): କାଳବୈଶାଖୀ ପ୍ରଭାବରେ ଓଡ଼ିଶାର ଜଙ୍ଗଲ ନିଆଁ ହ୍ରାସ ପାଇଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ ଜିଲ୍ଲାରେ ଲାଗିଥିବା ବନାଗ୍ନି କମିଛି। ତା'ସତ୍ତ୍ୱେ ଆଜି ଦିନରେ ରାଜ୍ୟର ୨୧୦ଟି ସ୍ଥାନରେ ବନାଗ୍ନି ରହିଛି। ଅପରାହ୍ଣ ସୁଦ୍ଧା ଚିହ୍ନଟ ହୋଇଥିବା ବନାଗ୍ନି ମଧ୍ୟରୁ କୋରାପୁଟରେ ସର୍ବାଧିକ ୯୧ଟି ଛୋଟ ଓ ମଧ୍ୟମଧରଣର ନିଆଁ ଲାଗିଛି। ବ୍ରହ୍ମପୁର ସର୍କଲରେ ୧୭, ଭବାନୀପାଟଣା ସର୍କଲରେ ୧୨, ବାରିପଦା ସର୍କଲର ୧୦ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ଭୁବନେଶ୍ୱର, ରାଉରକେଲା, ଅନୁଗୁଳ ସର୍କଲର କେତେକ ସ୍ଥାନରେ ନିଆଁ ରହିଛି। ଗତ ସାତ ଦିନରେ ଓଡ଼ିଶାରେ ସର୍ବାଧିକ ୫,୯୮୭ଟି ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଥିବା ବେଳେ ଛତିଶଗଡ଼ରେ ୩,୦୬୦, ଝାଡ଼ଖଣ୍ଡରେ ୨,୪୯୬ଟି ସ୍ଥାନରେ ନିଆଁ ଲାଗିଛି। ଚଳିତ ସିଜିନ୍(ନଭେମ୍ବର ୧ରୁ ଆଜି ସୁଦ୍ଧା)ରେ ଓଡ଼ିଶାରେ ୧୪ହଜାର ୫୮୦ଟି ଜଙ୍ଗଲ ନିଆଁ ଚିହ୍ନଟ ହୋଇଛି। ଯେତେବେଳେ କି ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୧୭,୩୯୮ଟି ନିଆଁ ଲାଗିଥିବା ରିପୋର୍ଟ ହୋଇଛି। ବଡ଼ଧରଣର ବନାଗ୍ନିରେ ଶୀର୍ଷରେ ଥିବା ଓଡ଼ିଶା ଆଜି ତଳକୁ ଖସିଛି। ଅପରାହ୍ଣ ଗୋଟାଏ ସୁଦ୍ଧା ଦେଶରେ ୧୫୦ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଥିବା ବେଳେ ସେଥିରୁ କେବଳ ଓଡ଼ିଶାରେ ୧୯ଟି ରହିଛି। ୩୬ଟି ବଡ଼ଧରଣର ବନାଗ୍ନି ସହ ଝାଡ଼ଖଣ୍ଡ ଶୀର୍ଷରେ ରହିଥିବା ବେଳେ ଉତ୍ତରାଖଣ୍ଡରେ ୨୯, ଛତିଶଗଡ଼ରେ ୧୧, ଉତ୍ତରପ୍ରଦେଶରେ ୧୦ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ରହିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ) ପକ୍ଷରୁ ସୂଚନା ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲାର ବାରିପଦା ସର୍କଲର ବିଶୋଇ ରେଞ୍ଜରେ ଦୁଇଟି ବଡ଼ଧରଣର ବନାଗ୍ନି ରହିଛି। ଗଜପତି ଜିଲ୍ଲାର ରାମଗିରି, କନ୍ଧମାଳ ଜିଲ୍ଲାର କୋଟାଗଡ଼, ସିମନ୍‌ବାଡ଼ି, ବାଲିଗୁଡ଼ା, ରାୟଗଡ଼ା ଜିଲ୍ଲାର ଗୁଣୁପୁର, ଟିକିରି, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ରେଞ୍ଜରେ ୩ଟି ସ୍ଥାନ, ବୈପାରୀଗୁଡ଼ା, ମାଲକାନଗିରି ଜିଲ୍ଲାର ଚିତ୍ରକୋନା ଓ କାଲିମେଲା ରେଞ୍ଜ, ନବରଙ୍ଗପୁର ଜିଲ୍ଲାର ଦୁଇଟି ସ୍ଥାନରେ ନିଆଁ ଲାଗିଛି। ସେପଟେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି ଯେ ଚଳିତ ସିଜିନ୍‌ରେ ଶିମିଳିପାଳରେ ମାତ୍ର ୧୧୫ଟି ବନାଗ୍ନି ପଏଣ୍ଟ ଚିହ୍ନଟ କରାଯାଇଛି। ଅଭୟାରଣ୍ୟର ସେଭଳି କୌଣସି କ୍ଷତି ହୋଇ ନାହିଁ। ୪୦ ଡିଗ୍ରି ତାପମାତ୍ରାରେ ବନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଶୁଖିଲା ପତ୍ରରେ ନିଆଁ ଲାଗିବା ଦ୍ୱାରା ଗ୍ରାଉଣ୍ଡ ଫାୟାର ହୋଇଛି। ବଡ଼ ଗଛରେ ନିଆଁ ଲାଗି ନାହିଁ। ନିଆଁ ଲିଭାଇବା କାର୍ଯ୍ୟରେ ସହଯୋଗ ପାଇଁ ଓଡ୍ରାଫ୍ ଟିମ୍ ସବୁବେଳେ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି।

# କୃଷି ବିଭାଗ ନାଚାର: ଜବରଦଖଲରେ ସରକାରୀ କୃଷି ଫାର୍ମ




ନବରଙ୍ଗପୁର, ୨୩/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଉମରକୋଟରେ ୨୦୨ ହେକ୍ଟର ଜମିରେ ପ୍ରତିଷ୍ଠା ହୋଇଛି ସରକାରୀ କୃଷି ଫାର୍ମ। ବହୁ ବର୍ଷ ହେଲା ଏହାର ପୁନରୁଦ୍ଧାର ହୋଇପାରୁ ନଥିବା ବେଳେ ସୁରକ୍ଷା ବ୍ୟବସ୍ଥା କହିଲେ କିଛି ନାହିଁ। ଏପରିକି ପାଚେରି ନଥିବା କାରଣରୁ ଜବରଦଖଲ ବଢ଼ିବାରେ ଲାଗିଛି। ସରକାରୀ ଜମିର ଏମିତି କବ୍‌ଜା ଚାଲିଥିଲେ ସୁଦ୍ଧା କୃଷି ବିଭାଗ ନାଚାର। ବିହନ ଉତ୍ପାଦନ ଉଦ୍ଦେଶ୍ୟରେ ଏହି ଫାର୍ମ ପ୍ରତିଷ୍ଠା ହୋଇଥିଲା। ବିହନ ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟ ଏହି ଫାର୍ମରେ ରହିଛି। ମୋଟ ଜମିରୁ ୩୪ହେକ୍ଟର ଜମିରେ ବିହନ ପାଇଁ ଧାନ ଚାଷ ହେଉଛି। ୧୫ ହେକ୍ଟରରେ ନାଇଜର, ହରଡ ୨ ହେକ୍ଟର, ମାଣ୍ଡିଆ ୪ ହେକ୍ଟର, ଧନିଚା ୩ ହେକ୍ଟର ଓ ସୋରିଷ ୨ ହେକ୍ଟର ଜମିରେ ଚାଷ ହେଉଛି। ଏହାବ୍ୟତୀତ ଫାର୍ମରେ ୧୧୬୦ କାଜୁ ଗଛ ରହିଥିବା ବେଳେ ୩୭୦ ଆମ୍ବ ଗଛ ମଧ୍ୟ ରହିଛି। ଚାଷ ନିମନ୍ତେ ପର୍ଯ୍ୟାପ୍ତ ପାଣି ଆବଶ୍ୟକ ହେଉଥିବାରୁ ଗୋଟିଏ ଗଭୀର ନଳକୂପ ରହିଛି। ସେହିପରି ଦୁଇଟି ପୋଖରୀ ବି ଖନନ କରାଯାଇଛି। ଏଠାରେ ଥିବା ବିହନ ପ୍ରକ୍ରିୟାକରଣ ୟୁନିଟ୍‌ରେ ଆଖପାଖ ଅଞ୍ଚଳର ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ବିହନ କରାଯାଉଛି। ପ୍ରକ୍ରିୟାକରଣ ପରେ ଏହାକୁ ବିହନ ନିଗମକୁ ପଠାଯାଉଛି। ଚାଷ ପାଇଁ ଉପଯୋଗୀ ଏହି ଫାର୍ମରେ ଏବେ ଗୋଟିଏ ପରେ ଗୋଟିଏ ବଡ଼ ସମସ୍ୟା ଉଭା ହେବାରେ ଲାଗିଛି। ପ୍ରାୟ ଅଧା ଜମି ଅବ୍ୟବହୃତ ହୋଇ ରହିଛି। ତେଣୁ ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛି। ବଡ଼ ଅଞ୍ଚଳ ହୋଇଥିବାରୁ ପାଚେରି ବି ନାହିଁ। ଯାହାର ସୁଯୋଗ ନେଇ ଜବରଦଖଲ ସମୟକ୍ରମେ ବଢ଼ିବାରେ ଲାଗିଛି। ଏହାକୁ ହଟାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉନି। ସରକାର ବିଭିନ୍ନ ଯୋଜନାରେ ସାଧାରଣ ଚାଷୀଙ୍କ ଜମି ମରାମତି ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ ଏହି ଫାର୍ମର ଚାଷ ଜମି ମରାମତି ପାଇଁ ଅନୁଦାନ ନାହିଁ। ସେହିପରି ବହୁ ବର୍ଷ ତଳେ ଯେଉଁ ଜଳଉତ୍ସ ସୃଷ୍ଟି କରାଯାଇଥିଲା ବର୍ତ୍ତମାନ ସେଥିରୁ ପର୍ଯ୍ୟାପ୍ତ ପାଣି ମିଳୁନାହିଁ। ଯାହାର ସିଧାସଳଖ ପ୍ରଭାବ ଏଠାରେ ହେଉଥିବା ଚାଷ ଉପରେ ପଡ଼ିଛି। ଆଶାନୁଯାୟୀ ଅମଳ ବି ହୋଇପାରୁନି। ଏମିତି ଅବ୍ୟବସ୍ଥା ମଧ୍ୟରେ କୃଷି ଫାର୍ମ ନିମନ୍ତେ ଯାହା ବି ଅନୁଦାନ ମିଳୁଛି ତାହା ସବୁବେଳେ ନିଅଣ୍ଟ ପଡୁଛି। ଏହି କାରଣରୁ କୃଷି ଫାର୍ମର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହେଲାଣି। ଜିଲ୍ଲାର ବରିଷ୍ଠ ଚାଷୀଙ୍କ ମତ ହେଲା, ଏଠାରେ ମକା, ଡାଲି ଜାତୀୟ ଶସ୍ୟ, ପନିପରିବା ବିହନ ଉତ୍ପାଦନ ହେଲେ ବାହାର ଜିଲ୍ଲା ବିହନ ଉପରେ ନିର୍ଭରଶୀଳତା କମିବ।

## ପୃଥିବୀ ଧରିତ୍ରୀ ଦିବସ ଉପଲକ୍ଷେ ସଚେତନ ସଭା

ମାଲକାନଗିରି, ୨୩/୪ (ନି.ପ୍ର):ମାଲକାନଗିରି ମହାବିଦ୍ୟାଳୟ ରେ ଜାତୀୟ ସବୁଜ ବାହିନୀ ତରଫରୁ ପୃଥିବୀ ଧରିତ୍ରୀ ଦିବସ, ଇକୋ କ୍ଲବର ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି !ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ୧୯୭୦ ମସିହା ଠାରୁ ପରିବେଶ ଆନ୍ଦୋଳନ ଏବଂ ଏହି ଦିବସର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ !ମୁଖ୍ୟ ବକ୍ତା ଭାବେ ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରମୀୟ କୁମାର ମହାନ୍ତି ଯୋଗଦାନ କରି ପ୍ଲାଷ୍ଟିକ ବର୍ଜନ କରିବା ଏବଂ ୨୦୪୦ ସୁଦ୍ଧା ଶତକଡା ୬୦ ପ୍ରତିଶତ ପ୍ଲାଷ୍ଟିକ ବର୍ଜନ କରିବା ଉପରେ ଆଲୋକପାତ କରିଥିଲେ ! ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ମୁଖ୍ୟ ଗୌତମ ନାୟକ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ମାଟିର ଯତ୍ନ ନେଇ ଗଛଟିଏ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ ! ଅନ୍ୟତମ ସମ୍ମାନିତ ଅତିଥି ଲିପ୍ସାରାଣୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ !ଏହି ଅବସରରେ ଏକ ରାଲିର ଆୟୋଜନ କରାଯାଇଥିଲା ! ଏହି କାର୍ଯ୍ୟକ୍ରମରେ ୭୫ରୁ ଉର୍ଦ୍ଧ୍ୱ ସବୁଜ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ ! କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଣଶିକ୍ଷକ କର୍ମଚାରୀ, ଶିକ୍ଷକ ବୃନ୍ଦ, ଏହି ଅବସରରେ ଏକ ଶପଥ ପାଠ ଗ୍ରହଣ କରି ମାଟିର ଏବଂ ପରିବେଶର ସୁରକ୍ଷା କିପରି କରିବେ ଶପଥ ନେଇଥିଲେ ! ପ୍ରତି ବର୍ଷ ଅପ୍ରେଲ ମାସ ୨୨ତାରିଖକୁ ପୃଥିବୀ ଧରିତ୍ରୀ ଦିବସ ରୂପେ ପାଳନ କରାଯାଉଅଛି।

## ଚୁଡ଼ାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

ବଲାଙ୍ଗୀର, ୨୩/୪ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚୁଡ଼ାପାଲିର ବାର୍ଷିକ ଉତ୍ସବ ପରିଚାଳନା ସମିତିର ସଭାପତି ରୂପଧର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶ୍ରୀମତୀ ଆରତୀ ଭୋଇ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଲାଙ୍ଗିର ଯୋଗଦାନ କରିଥିଲେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦାନ କରିଥିଲେ। ସମ୍ପାଦକ ସୂର୍ଯ୍ୟମଣି ମେହେର ଅତିଥି ଅଧିକାରୀମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶମ୍ଭୁ ପ୍ରସାଦ ମହାକୁର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ପରିଚାଳନା ସମିତିର ଉପସଭାପତି କ୍ଷେତ୍ରବାସୀ ଭୋଇ, ସହସମ୍ପାଦକ ରବିଚନ୍ଦ୍ର ଧାରୁଆ, କୋଷାଧ୍ୟକ୍ଷ ଲମ୍ବୋଦର ପଟେଲ, ସଦସ୍ୟା ଶ୍ରୀମତୀ ଦୁଲ୍ଲଣି ମେହେର, ଶ୍ରୀମତୀ ସସ୍ମିତା ରାୟ ଓ ପୂର୍ବତନ ସଭାପତି ଲୋକନାଥ କୁମୁରା ଉପସ୍ଥିତ ଥିଲେ।

# ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ତୃତୀୟ ସପ୍ତାହ ପ୍ରଶିକ୍ଷଣ

ସମ୍ବଲପୁର, ୨୩/୪ (ନି.ପ୍ର): ସ୍ଥାନୀୟ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ର ତୃତୀୟ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଲାଇବ୍ରେରିର ନିଜସ୍ୱ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନର ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ନୀତିଶିକ୍ଷା ପ୍ରସଙ୍ଗରେ ବୁର୍ଲା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କରନ ଶର୍ମା ଜୀବନରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାର ମୂଲ୍ୟ ଓ ପ୍ରୟୋଗ ଉପରେ ଉଦାହରଣ ସହ ପ୍ରାଞ୍ଜଳ ଭାବେ ଅବତାରଣା କରିଥିଲେ । ଦ୍ୱିତୀୟ ଅଧିବେଶନରେ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗ କ୍ରମେ ପ୍ରଦୂଷଣ ଉପରେ ଆଲୋଚନା କରି ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ନିଜ ଘରକୁ କିପରି ପ୍ରଦୂଷଣ ମୁକ୍ତ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ସଫା ସୁତୁରା ଆଳରେ ଯଥାସମ୍ଭବ ରାସାୟନିକ ଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରହିବା ପାଇଁ ସଚେତନ କରାଇବା ସହ ଏହାର ଭୟାବହତା ସମ୍ପର୍କରେ ପିଲାଙ୍କୁ ସତର୍କ କରାଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରି ପିଲାଙ୍କୁ ଶୁଣିବା ଓ କହିବା ଅଭ୍ୟାସକୁ ବଜାୟ ରଖି ନିଜ ନିଜ ବିଦ୍ୟାଳୟ ମାନଙ୍କରେ ନିଜେ ଶିଖିଥିବା ପ୍ରସଙ୍ଗକୁ ନିଜ ସାଙ୍ଗ ମାନଙ୍କ ସହ ବାଂଟିବାକୁ ଆହ୍ୱାନ ଦେଇ ଗତ ଥର ନିଜ ବିଦ୍ୟାଳୟ ପ୍ରାର୍ଥନା ସଭା ମାନଙ୍କରେ ଆହରଣ କରିଥିବା ଜ୍ଞାନକୁ ବାଣ୍ଟିଥିବା ଛାତ୍ରଛାତ୍ରୀ ତଥା ଲୋପାମୁଦ୍ରା ହମେରା, ଦୀପ୍ତିରଞ୍ଜନ, କାହ୍ନା ଓ ସୁରଭିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାମିନ ପରେ ବି ଜେଲ୍‌ରେ ବନ୍ଦୀ ମାମଲା: ୯ ଦିନରେ ମୁକୁଳିଲେ ୭୫; ତଥାପି ଅଛନ୍ତି ୩୬୯



କଟକ, ୨୩/୪ (ନି.ପ୍ର): ଅଦାଲତ ଜାମିନ ମଞ୍ଜୁର କରିବା ସତ୍ତ୍ୱେ ସର୍ତ୍ତପୂରଣ କରି ନ ପାରି ଏବେ ବି ୩୬୯ଜଣ ବିଚାରାଧୀନ ବନ୍ଦୀ ରାଜ୍ୟର ବିଭିନ୍ନ ଜେଲରେ ଅଛନ୍ତି। ଜେଲ ସଂସ୍କାର ସଂପର୍କିତ ମାମଲାରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ହାଇକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା। ହାଇକୋର୍ଟଙ୍କ ୨୦୨୪, ଏପ୍ରିଲ ୧୨ର ନିର୍ଦ୍ଦେଶ ପାଳନ କରି ସମସ୍ତ ଜିଲ୍ଲା ଆଇନସେବା ପ୍ରାଧିକରଣ (ଡିଏଲଏସ)ର ଅଧକ୍ଷ ତଥା ଜିଲ୍ଲା ଜଜ୍ ଓ ସଚିବଙ୍କ ଏକ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏହି ପ୍ରସଂଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ତଥା ଏସଓପି ପାଳନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଗତ ୧୨ ତାରିଖରେ ଶୁଣାଣି ସମୟରେ ଅଦାଲତ ଜାମିନ ମଞ୍ଜୁର କରିବା ପରେ ମଧ୍ୟ ୪୪୪ ଜଣ ବନ୍ଦୀ ବିଭିନ୍ନ କାରଣରୁ ଜେଲରୁ ମୁକୁଳି ପାରି ନଥିବା ଜଣା ପଡିଥିଲା। ଗଲା ୯ ଦିନରେ ସେମାନଙ୍କ ମଧ୍ୟରୁ ୭୫ଜଣ ବିଚାରାଧୀନ ବନ୍ଦୀ ଜେଲରୁ ମୁକୁଳି ସାରିଛନ୍ତି ବୋଲି ଆଜି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଅବଶିଷ୍ଟ ବିଚାରାଧୀନ ବନ୍ଦୀଙ୍କ ଜାମିନ ସର୍ତ୍ତ କୋହଳ ପ୍ରସଙ୍ଗରେ ଆଇନସେବା ପ୍ରାଧିକରଣ ପକ୍ଷରୁ ନିୟୋଜିତ ଆଇନଜୀବୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ପଦକ୍ଷେପ ନେଉଛନ୍ତି। ଏଭଳି ବନ୍ଦୀଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି ସଂପର୍କିତ ରିପୋର୍ଟ ପ୍ରସ୍ତୁତ କରାଯାଇ ସଂପୃକ୍ତ ଅଦାଲତରେ ଉପସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି। ଯେଉଁ ବନ୍ଦୀଙ୍କ ପାଇଁ ଡିଏଲଏସ ତରଫରୁ ଆଇନଜୀବୀ ନିୟୋଜିତ କରାଯାଥିଲା ସେମାନଙ୍କ ଜାମିନ ସର୍ତ୍ତ କୋହଳ ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ଏଭଳି ୩୩୩ ବିଚାରାଧିନ ବନ୍ଦୀ ରହିଛନ୍ତି ଯେଉଁମାନେ ନିଜ ତରଫରୁ ଆଇନଜୀବୀ ନିୟୋଜିତ କରିଛନ୍ତି। ଏହି ୩୩୩ ଜଣ ବନ୍ଦୀଙ୍କ ଆଇନଜୀବୀଙ୍କୁ ଜାମିନ ସର୍ତ୍ତାବଳୀ କୋହଳ ପ୍ରସଂଗରେ ପଦକ୍ଷେପ ନେବାକୁ ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି। ଜାମିନ ମଞ୍ଜୁର ପରେ ମଧ୍ୟ ମୁକୁଳି ପାରି ନଥିବା ବିଚାରାଧୀନ ବନ୍ଦୀଙ୍କ ମଧ୍ୟରୁ ୧୯୭ଜଣଙ୍କ ବିରୋଧରେ ଏକାଧିକ ମାମଲା ରହିଛି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଶୁଣାଣି ସମୟରେ ଆମିକସ୍ କ୍ୟୁରି ଦର୍ଶାଇଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ ଏସଓପି ଅନୁସାରେ ଯଦି ଜଣେ ବିଚାରାଧୀନ ବନ୍ଦୀଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ସେ ଏକ ମାସ ଭିତରେ ଜେଲରୁ ନ ମୁକୁଳନ୍ତି ତେବେ ଅଦାଲତ ଏହି ପ୍ରସଂଗରେ ନିଜ ଆଡୁ ଶୁଣାଣି କରିବା କଥା। ଜାମିନ ସର୍ତ୍ତ କୋହଳ ବା ସଂଶୋଧନ ଆବଶ୍ୟକ ସେ ନେଇ ଅଦାଲତ ନିଜ ଆଡୁ ବିଚାର କରିବେ। ଏଥି ସହିତ ଅଦାଲତଙ୍କ ଜାମିନ ମଞ୍ଜୁର ପରେ ମଧ୍ୟ ଯଦି ୭ ଦିନ ଭିତରେ ବନ୍ଦୀ ଜେଲରୁ ନ ମୁକୁଳନ୍ତି ତେବେ ଏ ନେଇ ସଂପୃକ୍ତ ଜେଲର ଅଧୀକ୍ଷକ ଡିଏଲଏସକୁ ଅବଗତ କରିବେ। ଏହି ପ୍ରସଂଗରେ ଜେଲ ବିଭାଗ ତରଫରୁ ଇ-ମେଲ ମାଧ୍ୟମରେ ଡିଏଲଏସକୁ ସୂଚନା ମିଳିବା କଥା ବୋଲି ଆମିକସ୍ କ୍ୟୁରି ଦର୍ଶାଇଥିଲେ। ଏହି ପ୍ରସଂଗରେ କଣ ବ୍ୟବସ୍ଥା ରହିଛି ସେ ନେଇ ଅବଗତ କରିବାକୁ ସରକାରଙ୍କ ତରଫରୁ ସମୟ ଲୋଡ଼ା ଯାଇଥିଲା। ହାଇକୋର୍ଟ ଏ ସଂପର୍କିତ କୃଷ୍ଣପ୍ରସାଦ ସାହୁଙ୍କ ଆବେଦନର ପରବର୍ତ୍ତୀ ଶୁଣାଣି ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି। ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଭିତରକନିକାରେ ୨୧୮ ନବରଙ୍ଗୀ ଚଢ଼େଇ



ରାଜନଗର, ୨୩/୪ (ନି.ପ୍ର): ଭିତରକନିକା ଜାତୀୟ ଉଦ୍ୟାନରେ 'ମ୍ୟାନଗ୍ରୁଭ୍ ପିଟା' ବା ନବରଙ୍ଗୀ ଚଢେଇଙ୍କ ଗଣନା ଶେଷ ହୋଇଛି। ଗତକାଲି ଗୋଟିଏ ଦିନରେ ୩୬ଟି ଟିମ୍‌ରେ ୭୨ଜଣ ବନକର୍ମଚାରୀ ୫ଟି ରେଞ୍ଜ୍‌ରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଥିଲେ। ଗଣନାରେ ଭିତରକନିକା ଜାତୀୟ ଉଦ୍ୟାନର ୫ଟି ରେଞ୍ଜ୍ ମଧ୍ୟରୁ ୩ଟିରେ ୨୧୮ ନବରଙ୍ଗୀ ଚଢେଇଙ୍କୁ ଚିହ୍ନଟ କରାଯାଇଥିଲା। ଗହୀରମଥା ଓ କୁଜଙ୍ଗ ରେଞ୍ଜରେ ଦେଖିବାକୁ ମିଳି ନ ଥିବା ବେଳେ ମହାକାଳପଡା, ରାଜନଗର ଓ କନିକା ରେଞ୍ଜରେ ଏଭଳି ୨୧୮ଟି ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। କନିକା ରେଞ୍ଜର ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୨ଟି ନବରଙ୍ଗୀ ଚଢେଇ ଚିହ୍ନଟ କରାଯାଇଥିଲା। ସୂଚନା ଥାଉ କି, ଗତବର୍ଷଠାରୁ ଭିତରକନିକା ଜାତୀୟ ଉଦ୍ୟାନରେ ଏହି ପକ୍ଷୀଙ୍କ ଗଣନା କରାଯାଉଛି। ଗତବର୍ଷ ୧୭୯ଟି ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ଏ ବର୍ଷ ଏହି ସଂଖ୍ୟା ୨୧୮କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ୩୯ଟି ପକ୍ଷୀ ଅଧିକ ଚିହ୍ନଟ କରାଯାଇଛି। ନବରଙ୍ଗୀ ଚଢେଇ ଦକ୍ଷିଣପୂର୍ବ ଓ ଦକ୍ଷିଣ ଏସିଆରେ ଅଧିକ ସଂଖ୍ୟାରେ ଦେଖାଯା'ନ୍ତି। ଭାରତୀୟ ପକ୍ଷୀ ଇଣ୍ଡିଆନ ପିଟା, ଫେରି ପିଟା ପ୍ରଜାତିର ପକ୍ଷୀଙ୍କ ସହିତ ଏମାନଙ୍କ ସାମଞ୍ଜସ୍ୟ ରହିଛି। ପୁରୁଷ ପକ୍ଷୀ ମା' ପକ୍ଷୀଠାରୁ ସାମାନ୍ୟ ବଡ଼। ଏହି ପକ୍ଷୀର ଦେହରେ ଇନ୍ଦ୍ରଧନୁ ପରି ୯ଟି ରଙ୍ଗ ଦେଖିବାକୁ ମିଳିଥାଏ। ୧୯୬୩ ମସିହାରେ ଜର୍ମାନର ପ୍ରସିଦ୍ଧ ପକ୍ଷୀ ବିଶାରଦ ହର୍ମାନ ସ୍ଲେଜର ପ୍ରଥମେ ଏହି ପକ୍ଷୀଙ୍କୁ ଆବିଷ୍କାର କରି ଇନ୍ଦ୍ରଧନୁର ରଙ୍ଗ ସହ ତୁଳନା କରିଥିଲେ।

# ଦେଶୀ ମଦ ଜବତ, ବେପାରୀ ଗିରଫ

କୋରେଇ, ୨୩/୪ (ନି.ପ୍ର): ପାଣିକୋଇଲି ପୁଲିସ ପୋଟ୍ରୋଲିଂ ସମୟରେ ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ତା ନିକଟରୁ ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି । ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ ସଦଳବଳେ ସନ୍ଧ୍ୟା ପୋଟ୍ରୋଲିଂ ସମୟରେ ସଠିପୁର ଅଂଚଳରେ ବେଆଇନ ଓ ଚୋରା ଦେଶୀ ମଦ ବେପାର ଖବର ପାଇ ଚଢଉ କରିଥିଲେ । ଚଢଉ ସମୟରେ କରଦା ପଂଚାୟତର ପଳସା (ଆମ୍ବଗଡିଆ) ଗ୍ରାମର ରାଗି ମୁଣ୍ଡାଙ୍କ ପୁଅ ଭରତ ମୁଣ୍ଡା (୫୫)କୁ ଧରିବା ପରେ ତା ନିକଟରୁ ଏକ ଧଳା ଜାରକିନରେ ୧୦ ଲିଟର ଦେଶୀ ମଦ ଧରିବାରେ ସକ୍ଷମ ହୋଇଥିଲେ । ତାକୁ ଧରି ଆଣିବା ପରେ ଏକ ମାମଲା ୨୧୫/୨୪ ରୁଜ୍ଜୁ କରାଯିବା ସହ ତାକୁ ୫୨(ଏ) ଓଡିଶା ଆବକାରୀ ଆଇନ ବଳରେ ଗିରଫ କରାଯାଇଛି ।

# ଚିଲିକାରେ କଳଙ୍କି ଖାଉଛି 'ସମୁଦ୍ରା': ଓଡ଼ିଶାର ପ୍ରଥମ ଶୀତତାପ ନିୟନ୍ତ୍ରିତ ବୋଟ୍



ଖୋର୍ଦ୍ଧା, ୨୩/୪ (ନି.ପ୍ର): ଚିଲିକାକୁ ଆସିଥିଲା ଦୁଇ ନୂଆ ବୋଟ୍। ନାଁ ଥିଲା ସମୁଦ୍ରା। ଚିଲିକା ପାଣିରେ ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ କିଣା ହୋଇଥିଲା ଏ ବୋଟ୍। କିନ୍ତୁ, ଖର୍ଦ୍ଦ ପରଠାରୁ ବୋଟ୍ ସିଲ୍ ଖୋଲା ହୋଇନି। ଚିଲିକା ପାଣିରେ ବହୁ କୋଟି ବ୍ୟୟରେ ନିର୍ମିତ ଏ ବୋଟ୍ ଭାସୁଛି ସିନା, କିନ୍ତୁ ପର୍ଯ୍ୟଟକଙ୍କୁ ଆନନ୍ଦିତ କରି ପାରୁନାହିଁ। ସୂଚନା ମୁତାବକ, ଗୀତାଞ୍ଜଳି, ସାଗରିକା, ଜଳପରି ଭଳି ସମୁଦ୍ରା ବି ଗୋଟିଏ ବୋଟ୍। ଏ ବୋଟ୍ କିଣାଯିବାର ମୂଳ ଉଦ୍ଦେଶ୍ୟ ଥିଲା ପର୍ଯ୍ୟଟନର ବିକାଶ। ଏହାକୁ କିଣିଥିଲା ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)। ଏହା ସ୍ଥାନିତ ହୋଇଥିଲା ଚିଲିକା ବ୍ଲକ୍‌ର ବଡ଼କୂଳ ସ୍ଥିତ ଓଟିଡିସି ପାନ୍ଥନିବାସରେ। ପୂର୍ବରୁ ଏଠି ଓଟିଡିସିର ଆଠ ଗୋଟି ବୋଟ୍ ଯଦିଓ ଅଛି, କିନ୍ତୁ ନୂତନ ଭାବେ ଖର୍ଦ୍ଦ ହୋଇଥିବା ସମୁଦ୍ରା ଅନ୍ୟମାନଙ୍କଠାରୁ ପୂରା ଭିନ୍ନ। ଏ ବୋଟ୍ କେବଳ ଚିଲିକାରେ ଜଳ ଭ୍ରମଣ କରିବା ପାଇଁ ଉଦ୍ଦିଷ୍ଟ ନ ନୁହେଁ, ଏଥିରେ କେହି ଚାହିଁଲେ, ଚିଲିକା ପାଣିରେ ବୁଲି ବୁଲି ମିଟିଂ ବି କରିପାରିବେ, ଜନ୍ମ ଦିନ ଆଦି ଛୋଟ ମୋଟ୍ ଉତ୍ସବ ବି ଏ ବୋଟ୍‌ରେ ପାଳନ କରିବାର ପୂରା ସୁବିଧା ରହିଛି। ବୋଟ୍‌ର ସିଟ୍ ସଂଖ୍ୟା ମୋଟ୍ ୪୦ ହୋଇଥିବା ବେଳେ ପୂରା ବୋଟ୍ ହେଉଛି ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା। ତା' ଭିତରେ ପାଇଖାନାଠୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ବି ଉପଲବ୍ଧ ରହିଛି। ତେଣୁ, ଯେକେହି ଚାହିଁଲେ, ୪୦ଜଣିଆ ଲୋକଙ୍କୁ ନେଇ ଏଠି ଖରା, ବର୍ଷା, ଶୀତ ଓ କାକର ବର୍ଷର ବାରମାସ ଆବଦ୍ଧ କୋଠରିରେ ଜଳକ୍ରୀଡ଼ା କରିବାର ସୁବିଧା ଏଠି ଉପଲବ୍ଧ କରାଯାଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏ ବୋଟ୍ ବଡ଼କୂଳ ପାନ୍ଥନିବାସକୁ ଯୋଗାଇ ଦିଆଯାଇଛି। କିନ୍ତୁ, ସବୁ ପ୍ରକାର ସୁବିଧା ଥିବା ସମୁଦ୍ରା ବଡ଼କୂଳ ଜେଟିରୁ ଚିଲିକା ଜଳରାଶିକୁ ବାହାରି ପାରୁନାହିଁ। ଗଲା ଶୀତ ବେଳାରେ ଏ ଦୁଇଟି ବହୁ ମୂଲ୍ୟବାନ ବୋଟ୍ ଆସିଥିଲା। ଯେଉଁ ସମୟରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବଡ଼କୂଳକୁ ଛୁଟୁଥିଲେ, ସେହି ସମୟରେ ଏ ବୋଟ୍ କାର୍ଯ୍ୟକାରୀ ହେବା କଥା। କିନ୍ତୁ, ନୂଆ ବୋଟ୍‌ର ସିଲ୍ ବି ଆଦୌ ଖୋଲା ନ ହେବା ଘଟଣା ପର୍ଯ୍ୟଟକଙ୍କୁ ନିରାଶ କରିଛି। ଏ ସମ୍ପର୍କରେ ବଡ଼କୂଳ ଓଟିଡିସି ପାନ୍ଥନିବାସର ମ୍ୟାନେଜର ସବ୍ୟସାଚି କର କହିଛନ୍ତି, ବୋଟ୍ ତିନି ମାସ ତଳେ ଆମକୁ ଦିଆଯାଇଛି। କିନ୍ତୁ, ତାକୁ ଚଳାଇବା ପାଇଁ ଏଯାବତ୍ ଆମକୁ ଅଫିସ୍ ଅର୍ଡର ଆସିନାହିଁ। ସେଥିପାଇଁ ଆମେ ଚଳାଇ ନାହୁଁ କି' କୌଣସି ବୁକିଂ ରଖି ନାହୁଁ। କ'ଣ ପାଇଁ ଚାଲୁନାହିଁ ଓ କେବେ ଚାଲିବ ସେ ବିଷୟରେ ମୁଁ କିଛି ଜାଣିନାହିଁ ବୋଲି ଶ୍ରୀ କର ପ୍ରକାଶ କରିଛନ୍ତି।

# ସେଡେଣ୍ଟାରି ଲାଇଫଷ୍ଟାଇଲ

ଡାକ୍ତର ସମ୍ରାଟ କର

ଅନୁଲିପିକାର ବନ୍ଧୁ ସେଦିନ ବହୁତ ବ୍ୟସ୍ତ ହୋଇ ମୋତେ ତାଙ୍କ ସାଙ୍ଗ ସୁକଦେବ କଥା କହୁଥିଲେ। ସୁକଦେବ ଏବେ ବହୁତ ବ୍ୟସ୍ତ ରହୁଛନ୍ତି ନିର୍ବାଚନ କାର୍ଯ୍ୟ ନେଇ ତେବେ ତାଙ୍କ କାର୍ଯ୍ୟ ପ୍ରାୟତଃ ୱ୍ୱାର୍କଫର୍ମ ହୋମରୁ ହୋଇଥିବାରୁ ସେ ବାହାରକୁ ତ ଯାଉନାହାଁନ୍ତି କିନ୍ତୁ ତାଙ୍କ ଜୀବନଶୈଳୀ ଏକ ପ୍ରକାର ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ଖାଇବାରେ, ପିଇବାରେ, ବିଶ୍ରାମ ନେବାରେ, ଲୋକ ସମ୍ପର୍କରେ ସବୁଥିରେ ତାଙ୍କର ଏକ ପ୍ରକାର ବିଚିତ୍ର ହାବଭାବ। ସେ ବଡ଼ ବ୍ୟସ୍ତ ହୋଇ କହିବା ପରେ ମୁଁ ତାଙ୍କୁ କହିଲି ଇଏ ହେଉଛି ଏକ ପ୍ରକାର ମାନସିକ ଅବ୍ୟବସ୍ଥାର କାରଣ। ଏହାକୁ ସେଡେଣ୍ଟାରି ଲାଇଫଷ୍ଟାଇଲ କୁହାଯାଏ। ଯେଉଁ ଲାଇଫ ଷ୍ଟାଇଲ ଏକ ପ୍ରକାର ଅସଜଡ଼ା, ରୁଟିନ ବିହୀନ ଆଉ ବିପର୍ଯ୍ୟସ୍ତ କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ତ୍ତମାନ ଜୀବନଶୈଳୀ ଏବଂ କର୍ମ ସଂସ୍କୃତି ଏପରି ହୋଇଯାଇଛି, ଘଣ୍ଟା ଘଣ୍ଟା ଧରି ବସି ରହି କାମ କରିବାକୁ ପଡୁଛି। ଏହା ଆମ ସ୍ୱାସ୍ଥ୍ୟ ଉପରେ ମଧ ହାନିକାରକ ପ୍ରଭାବ ପକାଉଛି। ଅବିରାମ ଗତିରେ ଅଧିକ ସମୟ ଯାଏ କାମ କରିବାକୁ କୁହାଯାଏ ସେଡେଣ୍ଟାରି ଲାଇଫଷ୍ଟାଇଲ ବା ଗତିହୀନ ଜୀବନଶୈଳୀ। ଆଜିର ସମୟରେ ବହୁ ଲୋକ ଏହି ସେଡେଣ୍ଟାରି ଲାଇଫଷ୍ଟାଇଲରେ ବଞ୍ଚୁଛନ୍ତି। ବିଶେଷଜ୍ଞଙ୍କ ମତରେ ସେଡେଣ୍ଟାରି ଲାଇଫ ଷ୍ଟାଇଲ ଆମର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉଭୟକୁ ପ୍ରଭାବିତ କରିଥାଏ।

ଏହି କାରଣରୁ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ଦେଖାଯାଉଛି। ଅଫିସରେ ବସି ରହି କାର୍ଯ୍ୟ କରିବା ଏବଂ ଉପଯୁକ୍ତ ବ୍ୟାୟାମର ଅଭାବ ସେଡେଣ୍ଟାରି ଲାଇଫଷ୍ଟାଇଲ ଚଳଣକୁ ବୃଦ୍ଧି କରିଛି। ଏହା ବ୍ୟତୀତ ଘଣ୍ଟା ଘଣ୍ଟା ବସି ରହି ଟିଭି ଏବଂ ଫୋନ ଦେଖିବା ମଧ ଏହାର ଅନ୍ୟ ଏକ କାରଣ। ହୃଦରୋଗ, ମଧୁମେହ ଏବଂ ମୋଟାପଣ, କ୍ୟାନ୍ସର ସାଙ୍ଗକୁ ଅବସାଦ ପରି ମାନସିକ ରୋଗ ଅଧିକାଂଶ ଲୋକଙ୍କ ଠାରେ ଦେଖିବାକୁ ମିଳୁଛି। ଏବେ ଯେଉଁସବୁ ଲାଇଫଷ୍ଟାଇଲ ଡିସଅର୍ଡ଼ର ଦେଖାଯାଉଛି ତାହା ସେଡେଣ୍ଟାରି ଲାଇଫଷ୍ଟାଇଲର କାରଣ। ବିଶେଷଜ୍ଞ ମାନଙ୍କ ମତରେ, ସେଡେଣ୍ଟାରି ଲାଇଫଷ୍ଟାଇଲ ସମୟ ପୂର୍ବରୁ ମୃତ୍ୟୁର ଆଶଙ୍କା ବଢ଼ାଉଛି। ଏହି ଲାଇଫଷ୍ଟାଇଲରୁ ଦୂରେଇ ରହିବା ପାଇଁ ଯୋଗବ୍ୟାୟାମ ନିହାତି କରିବା ଦରକାର। ବସି କାମ କରିବା ସମୟରେ ମଧ ୩୦ ମିନିଟରେ ୩ ମିନିଟ ଠିଆ ହୋଇ କାମ କରିବା ଉଚିତ। ୮-୯ ଘଣ୍ଟା କମ୍ପ୍ୟୁଟର ଆଗରେ ବସି କାମ କରୁଥିବା ଲୋକମାନେ ମଧ ମଝିରେ ମଝିରେ କାର୍ଯ୍ୟରୁ ବିରତି ନେଇ ଚଲାବୁଲା କରିବା ଦରକାର। ଶରୀର ସକ୍ରିୟ ରହିଲେ ଆମେ ସେଡେଣ୍ଟାରି ଲାଇଫଷ୍ଟାଇଲରୁ ସହଜରେ ଦୂରେଇ ପାରିବା।

ଏହା ସେପରି ଏକ ବଡ଼ ମାନସିକ ରୋଗ ନୁହେଁ କିନ୍ତୁ ଏହା ପାଇଁ ସର୍ବପ୍ରଥମ ସଂପୃକ୍ତ ଲୋକଟିର ବ୍ୟକ୍ତିଗତ ଭାବେ ନିଜ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ। ନିଜର ଚବିଶ ଘଣ୍ଟିଆ ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏକ ଅନୁଶାସନଯୁକ୍ତ ରୁଟିନ ବନ୍ଧା ଜୀବନ ଦରକାର। ଅଧିକ ସାହାଯ୍ୟ ଓ ସହଯୋଗ ପରିବାରର ମଧ ରହିଛି। ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସମ୍ପୃକ୍ତ ଲୋକଟିଙ୍କୁ ତାର ଏକ ଉତ୍ତମ ଜୀବନଶୈଳୀ ପାଇଁ ପରାମର୍ଶ ନେଇପାରିବେ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ଅଙ୍ଗୁର୍ ଖାଇଲେ ମିଳିବ ଏହି ସବୁ ସୁବିଧା: ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣ କରେ



ଆପଣଙ୍କୁ ଖଟା ଓ ମିଠା ମିଶା କିଛି ଫଳ ଯଦି ଖାଇବାକୁ ଭଲ ଲାଗେ ତେବେ ଅଙ୍ଗୁରୁ ଖାଆନ୍ତୁ। ଟିକେ ଖଟା ଓ ଟିକେ ମିଠା ଲାଗୁଥିବା ଏହି ଫଳଟି ପ୍ରାୟ ଅଧିକାଂଶ ଲୋକଙ୍କ ପ୍ରିୟ। ଏଥିରେ ଅନେକ ଭଲ ଗୁଣ ରହିଛି। ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣରେ ରଖେ। ପଟାସିୟମ ଉଚ୍ଚ ରକ୍ତଚାପକୁ ହ୍ରାସ କରିବା ସହ ହୃଦ୍ ରୋଗୀଙ୍କ ପାଇଁ ମଧ ଖୁବ୍ ସୁଫଳ ପ୍ରଦାନ କରିଥାଏ। କିଛି ଲୋକଙ୍କ ଶରୀରକୁ ଆବଶ୍ୟକୀୟ ପରିମାଣର ନ୍ୟୁଟ୍ରିଏଣ୍ଟସ୍ ମିଳିନଥାଏ, ଅଙ୍ଗୁରୁ ଖାଇବା ଦ୍ୱାରା ସେ ସମସ୍ୟା ବି ସମାଧାନ ହୋଇଯାଏ। ଅଙ୍ଗୁରୁ ଯେ କେବଳ ଆପଣଙ୍କୁ ସୁସ୍ଥ ରଖେ ତା ନୁହେଁ, ଏହାକୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ମଧ ବୃଦ୍ଧି ପାଇଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କର୍କଟ ସହ ଲଢ଼ିବାର ସାମର୍ଥ୍ୟ ରଖେ। ଶରୀରରୁ କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ମଧୁମେହ ରୋଗୀଙ୍କ ପାଇଁ ମଧ ଏହା ଏକ ଉପକାରୀ ଫଳ। ହାଡ଼କୁ ମଧ ମଜବୁତ୍ କରିଥାଏ। ତେବେ, ଅଙ୍ଗୁରୁକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ। ଅଙ୍ଗୁରୁକୁ ଖାଲି ଖାଇପାରିବେ। ଜୁସ୍ କରି ମଧ ପିଇପାରିବେ। ଏହାକୁ ଶୁଖାଇ କିସ୍‌ମିସ୍ ବନାଇବା ମଧ ଖୁବ୍ ସହଜ। ଯଦି ଆପଣ ରାନ୍ଧି କରି ଖାଇବାକୁ ଚାହାନ୍ତି ତ ଅଙ୍ଗୁ ଖଟା ବି କରିପାରିବେ। ଫଳ ସାଲାଡ୍‌ରେ ଅଙ୍ଗୁରୁ ମିଶାଇଲେ ଏହାର ସ୍ୱାଦ ଖୁବ୍ ବଢ଼ିଯାଏ।

# ସବୁଜ ଓ ହଳଦିଆ ରଙ୍ଗର କଦଳୀ ଅପେକ୍ଷା ନାଲି କଦଳୀ ସ୍ୱାସ୍ଥ୍ୟକୁ ଦିଏ ଏସବୁ ଫାଇଦା



କଦଳୀ ହେଉଛି ଏମିତି ଏକ ଫଳ ଯାହା ପ୍ରତି ଋତୁରେ ମିଳିଥାଏ। ଫାଇବର, ଭିଟାମିନ୍, ମିନେରାଲସ ଭରପୁର ଥିବା କଦଳୀରେ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। କଦଳୀରେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣରେ ଥାଏ, ଯାହା କିଡନୀ, ହୃତପିଣ୍ଡ ଏବଂ ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏଭଳି ପରିସ୍ଥିତିରେ କିଛି ଲୋକ ନିୟମିତ ଭାବରେ କଦଳୀ ଖାଇଥା'ନ୍ତି। ଆପଣ ନିଶ୍ଚୟ ସବୁଜ ଏବଂ ହଳଦିଆ ରଙ୍ଗର କଦଳୀ ଦେଖିଥିବେ। କିନ୍ତୁ ଆପଣ କେବେ ନାଲି ରଙ୍ଗର କଦଳୀ ଦେଖିଛନ୍ତି କି? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଳଦିଆ କଦଳୀ ଅପେକ୍ଷା ଲାଲ କଦଳୀରେ ଅଧିକ ପୋଷକ ତତ୍ତ୍ୱ ମିଳିଥାଏ। ଏହି କାରଣରୁ ନାଲି କଦଳୀ ଖାଇବା ଦ୍ୱାରା ଅନେକ ଗୁରୁତର ରୋଗରୁ ହୋଇନଥାଏ। ଲାଲ ରଙ୍ଗର କଦଳୀର ବିଶେଷତ୍ୱ ହେଉଛି ଯେ ଏହାର ଚୋପା ଲାଲ ରଙ୍ଗର ହୋଇଥିଲେ ବି ଏହାର ସ୍ୱାଦ ଅନ୍ୟ କଦଳୀ ଭଳି ସମାନ। ଦକ୍ଷିଣ-ପୂର୍ବ ଏସିଆରେ ଏହାର ବହୁଳ ଚାଷ କରାଯାଉଥିବାବେଳେ ମଧୁମେହ ରୋଗୀମାନେ ନାଲି କଦଳୀ ମଧ ଖାଇପାରିବେ। ଏହାକୁ ପ୍ରତିଦିନ ସୀମିତ ପରିମାଣରେ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ। ଲାଲ୍ କଦଳୀରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ। ଲାଲ୍ କଦଳୀରେ ପୋଟାସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ଥିବା ରୋଗୀମାନେ ମଧ ବିନା ଦ୍ୱିଧାରେ ଏହି କଦଳୀ ଖାଇପାରିବେ। ଦୃଷ୍ଟି ଶକ୍ତି କମ ଥିବା ବ୍ୟକ୍ତିମାନେ ମଧ ଏହି କଦଳୀ ଖାଇବା ଉଚିତ୍। କାରଣ ଭିଟାମିନ୍ ଏ ଲାଲ୍ କଦଳୀରେ ପ୍ରଚୁର ପରିମାଣରେ ମିଳିଥାଏ। ଲାଲ୍ କଦଳୀ ଖାଇବା ଦ୍ୱାରା ହାଡ ମଧ ମଜବୁତ ହୋଇଥାଏ। ନାଲି କଦଳୀରେ କାର୍ବୋହାଇଡ୍ରେଟ୍ ଅଧିକ ପରିମାଣରେ ଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲାଲ କଦଳୀ ମଧ କର୍କଟ ଭଳି ମାରାତ୍ମକ ରୋଗର ଆଶଙ୍କା ହ୍ରାସ କରିଥାଏ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ। କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ। ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି। କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି।**

♦ ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

♦ ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

♦ ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ।

♦ ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।



## ଆପଣଙ୍କ ହାତରେ ରଖିଛି କି ଏପରି ରେଖା ? ଜୀବନରେ ପାର୍ଟନରର ମିଳିବ ଭରପୂର ସହଯୋଗ

**ହସ୍ତରେଖା ଶାସ୍ତ୍ର ଏମିତି ଏକ ବିଦ୍ୟା ଯେଉଁଠି ବ୍ୟକ୍ତିର ହାତରେ ଥିବା ରେଖା ଓ ଚିହ୍ନକୁ ଦେଖି ତାର ଭଲ-ମନ୍ଦ,ଗୁଣ, ସ୍ୱଭାବ,ପସନ୍ଦ-ଅପସନ୍ଦ ଓ ଭବଷ୍ୟତ ସମ୍ପର୍କରେ କୁହାଯାଇପାରେ। ହସ୍ତ ରେଖା ଶାସ୍ତ୍ର ଅନୁଯାୟୀ କିଛି ଏମିତି ଖାସ ରେଖା ଅଛି ଯାହା ବ୍ୟକ୍ତିକୁ ଶୁଭ ଓ ଅଶୁଭ ଫଳ ପ୍ରଦାନ କରିଥାଏ। ହାତରେ ଏମିତି କିଛି ରେଖା ଥାଏ ଯାହା ବ୍ୟକ୍ତିର ସ୍ୱାସ୍ଥ୍ୟ, ସ୍ୱଭାବ, କାରିଅର, ଧନ ଓ ବୈବାହିକ ଜୀବନ ସମ୍ପର୍କରେ ବହୁତ ସୂଚନା ଦେଇଥାଏ। ଚନ୍ଦ୍ର ପର୍ବତରୁ ବାହାରିଥିବା ରେଖାର କିଛି ଖାସ କଥା ରହିଛି। ଆସନ୍ତୁ ଜାଣିବା କ'ଣ କହୁଛି ଏହି ରେଖା।**

– ଯଦି ଚନ୍ଦ୍ର ପର୍ବତ ଠାରୁ କୌଣସି ଭାଗ୍ୟ ରେଖା ବାହାରି ଶନି ପର୍ବତ ପର୍ଯ୍ୟନ୍ତ ଯାଇଥାଏ, ତେବେ ଏହାକୁ ବହୁତ ଶୁଭ ମନାଯାଇଥାଏ। ଏପରି ଲୋକଙ୍କୁ ବିଦେଶରୁ ଖୁବ ଅର୍ଥ ମିଳିଥାଏ।

– ହସ୍ତରେଖା ଶାସ୍ତ୍ର ଅନୁସାରେ ବ୍ୟକ୍ତିର ହାତରେ ଥିବା ଚନ୍ଦ୍ର ପର୍ବତର ବହୁତ ମହତ୍ୱ ରହିଥାଏ। ଯଦି କୌଣସି ବ୍ୟକ୍ତିର ହାତରେ ଚନ୍ଦ୍ର ପର୍ବତରୁ ଭାଗ୍ୟ ରେଖା ବାହାରିଥାଏ, ତେବେ ଏପରି ବ୍ୟକ୍ତିଙ୍କ ବିବାହ ପରେ ଜୀବନସାଥୀର ସହଯୋଗରେ ବହୁତ ଉନ୍ନତି ମିଳିଥାଏ।

– କୁହାଯାଏ କି ଯେଉଁ ଲୋକଙ୍କ ହାତରେ ଭାଗ୍ୟ ରେଖା ଯେତେ ସ୍ପଷ୍ଟ ହୋଇଥାଏ, ତାଙ୍କୁ ନିଜର ଜୀବନରେ ସେତେ ଶୁଭ ପରିଣାମ ମିଳିଥାଏ। ଏମିତି ଲୋକ ନିଜର କାର୍ଯ୍ୟକ୍ଷେତ୍ରରେ ସଫଳତା ସହ ବହୁତ ଧନ ପ୍ରାପ୍ତି କରିଥାନ୍ତି। ସେହିପରି ହାତରେ ଏକରୁ ଅଧିକ ଭାଗ୍ୟ ରେଖା ହେଲେ ବ୍ୟକ୍ତିଙ୍କୁ ବହୁ ସ୍ରୋତରୁ ଅର୍ଥ ମିଳିଥାଏ।



# ଏହି ଅଭ୍ୟାସ ଥିବା ଲୋକ କେବେ ଖୁସିରେ ରହିପାରନ୍ତି ନାହିଁ: ହୋଇଯାଆନ୍ତି କାଙ୍ଗାଳ

**ମଣିଷ ଜୀବନରେ ଟଙ୍କା ବହୁତ ଗୁରୁତ୍ୱପୂର୍ଣ୍ଣ। କାହିଁକି ନା, ଏହା ମାଧ୍ୟମରେ ମଣିଷ ସମସ୍ତ ପ୍ରକାରର ସାମଗ୍ରୀ ପ୍ରାପ୍ତ କରିପାରିବ। ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ଟଙ୍କା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ। ସେ କଠିନ ପରିଶ୍ରମ କରେ, କିନ୍ତୁ ଚାହୁଁଥିବା ଫଳ ପାଇନଥାଏ। ଗରୁଡ ପୁରାଣ ଅନୁଯାୟୀ ଏହା ପଛର କାରଣ ହେଉଛି ମଣିଷର କର୍ମ। ଜୀବନରେ ସେମାନଙ୍କ ଦ୍ୱାରା କରାଯାଇଥିବା ଭୁଲ ଯୋଗୁଁ ସେମାନଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ।**



– ଆପଣ ଜୀବନରେ ଯେତେ ସଫଳ ହୁଅ କି ବହୁତ ଟଙ୍କା ରୋଜଗାର କର, କିନ୍ତୁ କାହାକୁ ଅପମାନିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ପ୍ରାୟତଃ ଦେଖାଯାଏ ଯେ, ଧନୀ ଲୋକମାନେ ଅନ୍ୟମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି। ଗରୁଡ ପୁରାଣଙ୍କ ଅନୁଯାୟୀ ଏହା କରିବା ଠିକ୍ ନାହିଁ। ମା' ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି ଲୋକମାନଙ୍କଠାରୁ ଦୂରେଇ ଯାଆନ୍ତି।

– ଗରୁଡ ପୁରାଣ ଅନୁଯାୟୀ, ଯେଉଁମାନେ ଟଙ୍କା ପାଇଁ ଲୋଭ କରନ୍ତି ସେମାନେ କଦାପି ଖୁସି ହୋଇପାରିବେ ନାହିଁ। ଅନ୍ୟପଟରେ ଯେଉଁମାନେ ଅନ୍ୟମାନଙ୍କର ସମ୍ପତ୍ତି ହାସଲ କରିବାକୁ ଚେଷ୍ଟା କରନ୍ତି, ଏପରି ଲୋକମାନେ କୌଣସି ଜନ୍ମରେ ସନ୍ତୁଷ୍ଟ ହୁଅନ୍ତି ନାହିଁ।

– ଗରୁଡ ପୁରାଣ ଅନୁଯାୟୀ, ଅନ୍ୟମାନଙ୍କୁ ନିନ୍ଦା କରିବା କିମ୍ବା ସମାଲୋଚନା କରିବା ପାପ। ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତି ସର୍ବଦା ନିଜ କାମକୁ ନେଇ ଚିନ୍ତିତ ହେବା ଉଚିତ୍। ଏପରି ଲୋକମାନେ ଜୀବନରେ ସଫଳ ହୋଇପାରିବେ ନାହିଁ।

– ଗରୁଡ ପୁରାଣ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବଦା ପରିଷ୍କାର ପୋଷାକ ପିନ୍ଧିବା ସହ ଘରକୁ ସଫା ରଖିବା ଉଚିତ୍। ମା ଲକ୍ଷ୍ମୀ ଏପରି ଏକ ଘରେ ରୁହନ୍ତି, ଯେଉଁଠାରେ ପରିଷ୍କାର ପରିଚ୍ଛନ୍ନତାର ଧ୍ୟାନ ରଖାଯାଏ।

– ଦହି ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା ହୋଇଥାଏ। କିନ୍ତୁ ଗରୁଡ ପୁରାଣ ଅନୁଯାୟୀ, ରାତିରେ ଦହି ଖାଇବା ଉଚିତ୍ ନୁହେଁ। ଏପରି କୁହାଯାଏ ଯେ, ରାତିରେ ଦହି ଖାଇବା ଦ୍ୱାରା ଆୟୁଷ କମିଯାଏ।

CMYK

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୨୪ ଏପ୍ରିଲ ୨୦୨୪, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମତଦାନ ଅଧିକାର...

ଯେକୌଣସି ଧର୍ମ, ଜାତି, ବର୍ଷ ଇତ୍ୟାଦି ସେମାନଙ୍କ ପର୍ବପର୍ବାଣି ପାଳନ କରିବା ବେଳେ ସମ୍ପୃକ୍ତ ବର୍ଗର ସବୁ ଲୋକ ଯେ ସେଥିରେ ସାମିଲ ହୋଇଥାନ୍ତି, ତାହା କଦାଚିତ୍ ସମ୍ପୂର୍ଣ୍ଣ ସତ୍ୟ ହୋଇଥାଏ । କିଛି ଭିନ୍ନ ଚିନ୍ତାଧାରାର ଲୋକ ମଧ୍ୟ ରହିଥାନ୍ତି, ଯେଉଁମାନେ ଆଦୌ ସେସବୁରେ ସାମିଲ ନହେବା ବେଳେ ଆଉ କିଛି ବାଧ୍ୟବାଧକତାରେ ସାମିଲ ହୋଇଥାନ୍ତି। ଠିକ୍ ସେହିଭଳି ବର୍ତ୍ତମାନ ଦେଶରେ ଚାଲିଥିବା ଗଣତନ୍ତ୍ରର ମହାପର୍ବ କୁହାଯାଉଥିବା ନିର୍ବାଚନ । ଏକ ଗଭୀର ଭାବରେ ବିଭାଜିତ ରାଜନୀତିଯୁକ୍ତ ଏକ ଦେଶ ପାଇଁ ଯାହା ଏହାର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ନିର୍ବାଚନଗୁଡ଼ିକର ଶିଖର ଦେଶରେ ଉପନୀତ, ସେହି ଦେଶରେ ଗଣତନ୍ତ୍ରର ଗୋଟିଏ ଦିଗ ବିଷୟରେ ଆଶ୍ଚର୍ଯ୍ୟଜନକ ସହମତି ପ୍ରକାଶ ପାଇଛି- ଯେ ନିର୍ବାଚନଗୁଡ଼ିକ ହେଉଛି ଗଣତନ୍ତ୍ରର ସର୍ବାଧିକ ବଳିଷ୍ଠ ପ୍ରମାଣ ; ଯେମିତି ଥିଲା, ସେମିତି ଏକ 'ପର୍ବ' ଏବଂ ଭୋଟ୍ ଦେବା ଆମମାନଙ୍କର 'ପବିତ୍ର କର୍ତ୍ତବ୍ୟ'। ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏବଂ ଅନେକ ସଂଖ୍ୟକ ସରକାରୀ ସଂସ୍ଥା, ରାଜନୀତିକ ଦଳ, ଏନ୍‌ଜିଓ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ, ଚଳଚ୍ଚିତ୍ର ତାରକାମାନଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରର ତାରକାଗଣ ଏବଂ ନାଗରିକମାନଙ୍କ ଗୋଷ୍ଠୀ ସମୂହ ଏକାଠି ମିଶି ଆଗେଇ ଆସନ୍ତି କାହିକି ଭୋଟ୍ ଦେବା ଏକ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଏବଂ କାହିଁକି ଆମେ ସମସ୍ତେ ଏଥିରେ ଅଂଶଗ୍ରହଣ କରିବା ଉଚିତ, ସେ ବିଷୟରେ ଏକ ସକାରାତ୍ମକ କାହାଣୀ ସୃଷ୍ଟି କରିବାର ଉଦ୍ୟମ କରି ସମସ୍ତଙ୍କୁ ବୁଝାଇବାକୁ । ପ୍ରାଥମିକ ରୂପରେ ଏଥିରେ ବିଶେଷ କିଛି ଅସହମତ ହେବା ଭଳି କଥା ନାହିଁ, କେବଳ ଯାହା ଏଇ କଥାଟି ବ୍ୟତୀତ ଯେ- ଯେକୌଣସି ଗଣତନ୍ତ୍ରରେ ସହମତିକୁ ସନ୍ଦେହାସ୍ପଦ ଦୃଷ୍ଟିରେ ଦେଖାଯିବା ଉଚିତ, ଏବଂ କେତେକ ବିପରୀତମୂଳକ ଭାବନା ଏଭଳି ଏକ କାହାଣୀକୁ ଯାଞ୍ଚ କରି ଦେଖୁବା ଉଚିତ । ଗୋଟିଏ ଦୃଷ୍ଟିରୁ, ଲୋକମାନଙ୍କର ଏବଂ ଦେଶର ଭବିଷ୍ୟତକୁ ସ୍ଥିର କରୁଥିବା ଯେ କୌଣସି କାର୍ଯ୍ୟ ନିମନ୍ତେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ୍ ଦାନରେ ଅଂଶଗ୍ରହଣ କରିବା ସାଧାରଣତଃ ଏକ ସୁସ୍ଥ ଲକ୍ଷ୍ୟ ହୋଇଥିବା ବେଳେ ଆମେ ଆମର ଗଣତନ୍ତ୍ରକୁ ଏକ ଅନାବଶ୍ୟକ ଭାବରେ କଠୋର ହୋଇଥିବା ପିତାମାତାଙ୍କ ଭଳି ବିଚାର କରିବା ଉଚିତ ନୁହେଁ ଯେଉଁମାନେ କି ଏକ ପ୍ରାଥମିକ ବିଦ୍ୟାଳୟ ଛାତ୍ରର ରିପୋର୍ଟ କାର୍ଡକୁ ଯେମିତି ଦୃଷ୍ଟିରେ ଦେଖୁଥାନ୍ତି- ଏବଂ ୧୦୦ ପ୍ରତିଶତ ମାର୍କ ହାସଲ କରିବାକୁ ଏକ ଅଟଳ ଲକ୍ଷ୍ୟ ଭାବରେ ଧାର୍ଯ୍ୟ କରିଥାନ୍ତି । ଦ୍ୱିତୀୟରେ, ଅଧିକ ସଂଖ୍ୟାରେ ମତଦାନ ସପକ୍ଷରେ ରହିଥିବା ମଙ୍ଗଳାକାଂକ୍ଷୀମାନେ ଏହି ନିର୍ବାଚନୀ ଋତୁକୁ ଅତ୍ୟଧିକ ପରିମାଣରେ ଅଗଣତାନ୍ତ୍ରିକ ଦୃଷ୍ଟିକୋଣ ସମୂହ- ଯଥା ଭୋଟ୍ ଦେବାକୁ ଅଧିକାର ଭାବରେ ନୁହେଁ, ବରଂ କର୍ତ୍ତବ୍ୟ ଭାବରେ- ଗ୍ରହଣ କରିବା ସପକ୍ଷରେ ସମର୍ଥନ ଯୋଗାଡ଼ କରିବାରେ ଲାଗି ପଡ଼ନ୍ତି ଏବଂ ଏହାକୁ ଏକ ସ୍ୱାଭାବିକ କାର୍ଯ୍ୟ ଭାବରେ ପରିଣତ କରିବାର ଉଦ୍ୟମ କରନ୍ତି, ଏୟା ବୁଝାଇ ଯେ ସରକାରଙ୍କୁ ପ୍ରଶ୍ନ କରିବାକୁ ହେଲେ ଜଣକୁ ଭୋଟ୍ ଦେବାକୁ ହୋଇଥାଏ। ଭୋଟ୍ ଦେବା ବେଳେ ଆଙ୍ଗୁଠିରେ ଯେଉଁ କାଳି ଲଗା ଯାଇଥାଏ, ତାହା ପାଞ୍ଚ ବର୍ଷ ରୁହେନାହିଁ। କିମ୍ବା ଆମକୁ ମଧ୍ୟ ଆମେ ଭୋଟ୍ ଦେଇଥିବାର ପ୍ରମାଣ ଭାବରେ ଏକ ଭିଭିପାଟ୍ ଦିଆଯାଇ ନଥାଏ ଯାହାକୁ ଆମେ ଯେତେବେଳେ ବି ଜଣେ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ପ୍ରଶ୍ନ ପଚାରିବା, ସେତେବେଳେ ତାଙ୍କୁ ତାହା ପ୍ରମାଣ ସ୍ୱରୂପ ଦେଖାଇ ଦେଇ ପାରିବା। ଆଉ ସବୁଠୁ କଦର୍ଯ୍ୟ କଥା ହେଉଛି- ଏକତନ୍ତ୍ରୀୟ ପରାମର୍ଶ ଯେ ଭୋଟ୍ ଦେବାକୁ ଏକ ବାଧ୍ୟତାମୂଳକ କର୍ତ୍ତବ୍ୟ କରାଯିବା ଉଚିତ ଏବଂ ଯେଉଁମାନେ ଭୋଟ୍ ନଦେବେ, ସେମାନଙ୍କ ଉପରେ ଦଣ୍ଡ ବିଧାନ କରାଯିବ । ହଁ, ଆମେ ଭୋଟ୍ ଦେବା ଉଚିତ ଏବଂ ବିପୁଳ ସଂଖ୍ୟାରେ ମଧ୍ୟ ତାହା କରିବା ଉଚିତ। ଆମେ କେବଳ ପ୍ରଚାର କରିବାଠାରୁ ଆଗକୁ ଯାଇ ଭୋଟ୍ ଦାନକୁ ଅଧିକ ପ୍ରଲୋଭିତ କରିବା ଭଳି କାର୍ଯ୍ୟରେ ପରିଣତ କରିବାର ଦାୟିତ୍ୱକୁ ବହନ କରିବା ଉଚିତ। ଯେଉଁମାନେ ଅଣ-ଭୋଟରମାନଙ୍କୁ, ବିଶେଷକରି ସହରାଞ୍ଚଳର, ମଧ୍ୟବିତ୍ତ ଶ୍ରେଣୀମାନଙ୍କୁ ଏକ ଆଇପିଏଲ୍ ମ୍ୟାଚ୍ ଦେଖିବା ପାଇଁ ବା ଭଲ ସିନେମାଟିଏ ଦେଖିବାକୁ ଟିକେଟ୍ ନିମନ୍ତେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଥିବା ଦର୍ଶାଇ ପରିହାସ କରୁଛନ୍ତି, ସେମାନେ ଆମର ବ୍ୟବସ୍ଥାକୁ ପଚାରିବା ଉଚିତ ଯେ ସେମାନେ କାହିଁକି ଗଣତନ୍ତ୍ର ଓ ନିର୍ବାଚନକୁ ଆଇପିଏଲ୍ ବା ସିନେମା ଭଳି ଆକର୍ଷଣୀୟ କରି ପାରୁ ନାହାନ୍ତି । ଭୋଟ୍ ହାର ବଢ଼ାଇବା ପାଇଁ ଅନେକଗୁଡ଼ିଏ ଉପାୟ ରହିଛି; ପାଣିପାଗର ଅବସ୍ଥା, ଭୋଟ୍ ଦାନ କରିବାର ଅବସ୍ଥା ଏବଂ ସୁବିଧା ସୁଯୋଗ ଇତ୍ୟାଦି, ଆଉ ଆମେ ଅତି ପ୍ରାତଃକାଳରୁ ଭୋଟ୍ ଦେବାର ସୁଯୋଗ ଦେବାଠାରୁ ଆରମ୍ଭ କରି ଦୂରରେ ରହୁଥିବା ଭୋଟରମାନଙ୍କ ଭୋଟ୍ ଦାନ କରିବା ପର୍ଯ୍ୟନ୍ତ ଯଦି ସବୁ ବ୍ୟବସ୍ଥା କରି ପାରିବା, ତା'ହେଲେ ଭୋଟ୍ ହାର ଅବଶ୍ୟ ବଢ଼ିବ । କିନ୍ତୁ ସବୁଠୁ ବଳି ବଡ଼କଥାଟି ହେଉଛି, ରାଜନେତାମାନଙ୍କ ନିକଟରେ କେବଳ ଆମର ଭୋଟ୍ ନୁହେଁ, ବରଂ ଆମର ଶ୍ରଦ୍ଧା ସମ୍ମାନ ଓ ଭରସା ହାସଲ କରିବା ନିମନ୍ତେ କର୍ତ୍ତବ୍ୟ ରହିବା ଉଚିତ ଏବଂ ସେମାନେ ସେମାନଙ୍କ ଆଚରଣ ମାଧ୍ୟମରେ ଆମକୁ ଅନୁପ୍ରେରିତ କରିବା ଉଚିତ ବାହାରକୁ ଆସି ଭୋଟ୍ ଦେବା ପାଇଁ- କେବଳ ନିର୍ବାଚନ ସମୟରେ ନୁହେଁ, ସମଗ୍ର ପାଞ୍ଚ ବର୍ଷଯାକ । ତେଣୁ କେବଳ ଭୋଟ୍ ଦେବା ନୁହେଁ, ନାଗରିକମାନଙ୍କର ମଧ୍ୟ ଭୋଟ୍ ନ ଦେବାର ଅଧିକାର ରହିଛି- କେବଳ ଜଣେ କି ଦୁଇ ଜଣ ନୁହନ୍ତି, ସବୁ ପ୍ରାର୍ଥୀମାନଙ୍କ ପାଇଁ।

## ବିଶ୍ୱତ୍ରାଣ ସତ୍ୟସାଇ



**ଇଂ.ସଚ୍ଚିଦାନନ୍ଦ ନନ୍ଦ**



ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି । ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ। ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଦ୍ଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫

## କିଏ ଦେବ ପରିଚୟ

**ପୂର୍ଣ୍ଣିମା ସିଂ**



ସାଂପ୍ରତିକ ସମାଜରେ ମଣିଷ ଏକ ସଭ୍ୟ ପ୍ରାଣୀ ଭାବେ ଖ୍ୟାତ। ମଣିଷ ଏହି ସମାଜ ମଧ୍ୟ ରେ ସବୁବେଳେ ନିଜର ପରିଚୟ ଖୋଜେ, ସେହି ପରିଚୟ ଖୋଜିବା ରେ ମଣିଷ ଯେ କେତେ ସକ୍ଷମ ଓ କେତେ ଅକ୍ଷମ ଓ ଅସହାୟ ତାହା ସମୟ ଆସିଲେ ଜଣାପଡିଥାଏ। ମଣିଷ କୁ ନିଜେ ନିଜର ପରିଚୟ ଖୋଜିବା ବିଷୟରେ ଅବଗତ ହେବା ନିହାତି ଆବଶ୍ୟକ।

ବେଳେ ବେଳେ ମଣିଷ ନିଜେ ନିଜର ପରିଚୟ ଖୋଜିବାକୁ ଯାଇ ଅତୀତର ଇତିହାସ ପୃଷ୍ଠା ଲେଉଟାଏ ତ କେତେବେଳେ ବର୍ତ୍ତମାନ ର ସ୍ଥିତି ଅନୁଧ୍ୟାନ କରି ଶେଷରେ ସେ ଏକ ଅସମ୍ପୂର୍ଣ୍ଣ ମଣିଷ ରୂପରେ ନିଜକୁ ଖୋଜି ପାଇଥାଏ।

ଅତୀତ ପୃଷ୍ଠାରେ ଥିବା ଆଦି ମାନବ ବର୍ତ୍ତମାନର ମଣିଷ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି ସତ କିନ୍ତୁ ସେ ଭଗବାନଙ୍କ ଅନେକ ମୂଲ୍ୟବାନ ଦିବ୍ୟ ସନ୍ତକ ରୂପକୁ ଧିରେ ଧିରେ ଭୁଲି ଯିବା ପାଇଁ ବସିଲାଣି। ଅତୀତ ଇତିହାସ ପୃଷ୍ଠାର ଆଦିମାନବ ଯାହାକୁ ଆମେ (ନୃମାନବ) ରୂପରେ ପରିଚିତ ଥିଲୁ ବୋଲି ନିଜକୁ ଖୋଜି ପାଇବା ଆଜି ସେହିଠାରେ ଆମର ପରିସମାପ୍ତି ଘଟି ନାହିଁ। ସେହିଠାରେ ମଣିଷ ନିଜକୁ ଓ ନିଜେ ଖୋଜି ପାଇବାର ଜିଜ୍ଞାସାକୁ ଶେଷ କରି ପାରେନାହିଁ । ନିଜର ପରିଚୟ ଖୋଜିବାକୁ ଯାଇ ସେ ସେହିଠାରୁ ଆହୁରି ପୁରାତନକୁ ଚାଲିଯାଏ, ଏହି ଖୋଜିବା, ତଥ୍ୟ ମିଳିବା ନ ମିଳିବା ଦ୍ୱନ୍ଦ ମଧ୍ୟ ରେ ଛନ୍ଦି ହୋଇ ଶେଷ ରେ ମଣିଷ ଅଣନିଃଶ୍ୱାସୀ ହୋଇପଡ଼େ। ସେତେବେଳେ ଜୀବନର ଅନେକ ମୂଲ୍ୟବାନ ସମୟ ଅପଚୟ ହୋଇଯିବାର ଦେଖେ।

ଏହାଥିଲା ମଣିଷ ନିଜର ପରିଚୟ ଖୋଜିବାର ଅତୀତ ପୃଷ୍ଠା, ଯାହା ମଣିଷର ପ୍ରକୃତ ପରିଚୟ ଖୋଜିବା ରେ ଯେତିକି ସାହାଯ୍ୟ କରେ ସେତିକି ମନରେ ଦ୍ୱନ୍ଦ ଓ ଭ୍ରାନ୍ତ ଧାରଣା ସୃଷ୍ଟି କରେ। ଏହିଠାରେ ମଣିଷ ବୁଝିଯିବା ଉଚିତ୍ (କାରଣ ବିନା ଯେମିତି କିଛି କାର୍ଯ୍ୟର ଉତ୍ପତ୍ତି ଅସମ୍ଭବ, ସେହିପରି ବର୍ତ୍ତମାନ ଅଛି ଅର୍ଥ ଅତୀତ ଥିଲା ଓ ଭବିଷ୍ୟତ ମଧ୍ୟ ଗତିଶୀଳ ହୋଇ କିଛି ରହିବ)

ବର୍ତ୍ତମାନର ମଣିଷ ନିଜର ସମାଜ ସହିତ ନିଜର ପରିଚୟ ଅତୀତ ପୃଷ୍ଠାରେ ନଖୋଜି ସେସବୁକୁ ଦୂରେଇ ଦେଇ ଅନେକ ଆଗକୁ ବଢିଛି, ବର୍ତ୍ତମାନକୁ ନେଇ ମଣିଷ ବଞ୍ଚିବା ଶିଖିଲାଣି, ଏହା ସତ ମାତ୍ର ବର୍ତ୍ତମାନର ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷ ମଧ୍ୟ ରେ ଛନ୍ଦି ହୋଇ ନିଜର ପରିଚୟ ଖୋଜିବାକୁ ଚେଷ୍ଟା କରୁଛି। ମଣିଷ ଭୁଲିଯାଇଛି ସେ ନିଜେହିଁ ନିଜର ପରିଚୟ। ଭୁଲି ଯାଉଛି ଭଗବାନଙ୍କ ସୃଷ୍ଟି ରେ ସେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସୃଷ୍ଟି। ମଣିଷ ତା'ର ନିଜ ମଧ୍ୟ ରେ ଥିବା ଅନେକ ସତ୍ ଗୁଣ, ମାନବିକତା ତା'ର ପରିଚୟ ଅନ୍ତର୍ଭୁକ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଗୋଟିଏ ମଣିଷ ଏହାହିଁ ତା'ର ପ୍ରକୃତ ପରିଚୟ। (ମଣିଷ,ମନୁଷ୍ୟ,ମାନବ)ଏହା ହେଉଛି ନିଜକୁ ନିଜେ ଉତ୍ତରିତ କରିବାର ଗୋଟିଏ ଗୋଟିଏ ଦିବ୍ୟ ସୋପାନ ହୋଇ ଥିଲେ ମଧ୍ୟ ଏହି ସ୍ତର ଗୁଡ଼ିକୁ ଅତିକ୍ରମ କରି ଗୋଟିଏ ସାଧାରଣ ମଣିଷଟି ନିଜର ପ୍ରକୃତ ପରିଚୟ ପାଖରେ ସେତେବେଳେ ପହଞ୍ଚି ପାରେ, (ଯେତେବେଳେ ତା'ର ମଧ୍ୟରେ ଥିବା ଦିବ୍ୟ ଉନ୍ନତ ଚିନ୍ତା ଚେତନା ଗୁଡିକ ମହତ୍ ଉଦ୍ଦେଶ୍ୟ ରଖି କାର୍ଯ୍ୟ କର୍ମ ମାଧ୍ୟମ ଦ୍ୱାରା ଏ ସଂସାରର ହିତ ସାଧନ କରିବା ରେ ସକ୍ଷମ ହୁଏ ବା ସକ୍ଷମ ଶକ୍ତି ରଖେ) ସେତେବେଳେ ସେହି ମଣିଷ କୁ ଏହି ସମାଜ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉନ୍ନତ ସୋପାନରେ ରଖି ତର୍ଜମା, ପରୀକ୍ଷା, ନୀରିକ୍ଷଣ କରେ ଓ କରିବା ବି ଉଚିତ୍।

ବର୍ତ୍ତମାନର ସମାଜ ଓ ବ୍ୟକ୍ତି ମଧ୍ୟରେ ସମାନ ସମନ୍ୱୟ ଦେଖାଯାଉ ନାହିଁ, ଅତୀତ ରେ ସମାଜ ଥିଲା ବ୍ୟକ୍ତି ବି ଥିଲା, ବର୍ତ୍ତମାନ ସମାଜ ଅଛି ବ୍ୟକ୍ତି ମଧ୍ୟ ଅଛି,, କିନ୍ତୁ ବର୍ତ୍ତମାନର ସମାଜ ଓ ବ୍ୟକ୍ତି, ଚିନ୍ତା ଚେତନା ସହ ସମକାର୍ଯ୍ୟ ହୋଇ ପାରୁନାହିଁ। ଚିନ୍ତା ଚେତନା, କଥା ଗୋଟିଏ ହେଉଛି ଓ କାର୍ଯ୍ୟ ପ୍ରଣାଳୀ ଭିନ୍ନଭିନ୍ନ ହେଉଥିବାରୁ ସମାଜ ସହ ବ୍ୟକ୍ତି ମଧ୍ୟ କେଉଁଠି ନା କେଉଁଠି ଅନେକ ପ୍ରକାରର ଦ୍ୱନ୍ଦ ରେ ରହି ଅନେକ କିଛିରେ ପ୍ରଭାବିତ ହେଉଛି।

ଯେତେବେଳେ ଆମେ ସାମାଜିକ ପ୍ରାଣୀ ଭାବେ ନିଜକୁ ସମାଜ ସହ ତର୍ଜମା କରୁ ସେତେବେଳେ ସଭ୍ୟ ସମାଜରେ ଅସଭ୍ୟ କାର୍ଯ୍ୟ ମଧ୍ୟ ରେ ନିଶ୍ଚିତ କେଉଁଠି ନା କେଉଁଠି ପ୍ରଭାବିତ ହେଉଥିବାର ଅନୁଭବ କରୁ। ଆମେ ଏଠାରେ କାହାକୁ ଦୋଷ ଦେବା ? ସମାଜକୁ ନା ସମାଜ ମଧ୍ୟ ରେ ରହୁଥିବା ନିଜକୁ ?

ସମାଜ ଦ୍ୱାରା ମଣିଷ ପ୍ରଭାବିତ ହେବା ଉଚିତ୍ ନା ମଣିଷ ଦ୍ୱାରା ସମାଜ ପ୍ରଭାବିତ ହେବା ଉଚିତ୍ ଏହା କେବେ ନା କେବେ, କେଉଁଠି ନା କେଉଁଠି ସମସ୍ତଙ୍କ ମନକୁ ପ୍ରଶ୍ନ ନିଶ୍ଚୟ ଆସୁଥିବ, ଆସିବା ମଧ୍ୟ ଆବଶ୍ୟକ।

ଆମେ ଏ ପୃଥିବୀକୁ (ବସୁଧୈବ କୁଟୁମ୍ବ କମ୍) ନୀତି ଆଦର୍ଶରେ ଦେଖିବା ପାଇଁ ଗଲେ ମନକୁ ପ୍ରଶ୍ନ ଆସେ ଏହା କ'ଣ ସମସ୍ତ ସାଧାରଣ ମଣିଷର ନିଜସ୍ୱ ଭାବକ୍ତି ? ମଣିଷ କ'ଣ ବାସ୍ତବରେ କେବେ ଭାବିଛି ପୃଥିବୀ ମୋର ମାଁ, ଆଉ ସବୁକିଛି ମୋର କୁଟୁମ୍ବ ପରିବାର ସଦୃଶ୍ୟ ? ଏହା ମୁଖରେ ଶୋଭା ପାଇଛି କିନ୍ତୁ କାର୍ଯ୍ୟରେ ନାହିଁ,

ଏହା କେହି କେବେ ହୃଦୟ ରୁ ଭାବି ପାରନ୍ତି ନାହିଁ।

ଆଜି ବି କେଉଁଠି ନା କେଉଁଠି ଆଦିବାସୀ, ଜନଜାତି ମାନେ ଅବହେଳିତ ହୋଇ ରହିଆସିଛନ୍ତି। ଏଠାରେ ମନେପକାଇଦେବା ଉଚିତ୍ ଯେତେବେଳେ ଆର୍ଯ୍ୟ ମାନେ ଭାରତକୁ ପ୍ରବେଶ କରିଥିଲେ ଏହାର ଅନେକ ବହୁ ବର୍ଷ ପୂର୍ବରୁ ଦ୍ରାବିଡ଼ ଜାତି ଗୋଷ୍ଠୀ ସହିତ କୋଲାରିଆନ୍ ଯେଉଁମାନଙ୍କ ଭାଷା (ଅଷ୍ଟ୍ରିକ୍) ଆଦିବାସୀ ଭାଷା ପରିବାରର ଅନ୍ତର୍ଭୁକ୍ତ, ଏଠାରେ ସେମାନେ ରହିଆସୁଥିଲେ। ଯାହାକୁ ଆମେ ବର୍ତ୍ତମାନ ଆଦିବାସୀ ବା ଜନଜାତି, ହରିଜନ ବୋଲି କହୁଛୁ। ବିସ୍ଥାପନ ସମସ୍ୟା ଯୋଗୁଁ ସେମାନେ ଭାରତ ବର୍ଷ ମଧ୍ୟରେ ଖଣ୍ଡ ବିଖଣ୍ଡିତ ହୋଇ କେରଳ, ତାମିଲନାଡୁ , କର୍ଣ୍ଣାଟକ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଭଳି ଅନେକ ରାଜ୍ୟ ମାନଙ୍କରେ ଅଧିକ ବସ ବାସ କରି ଆସୁଛନ୍ତି। କିନ୍ତୁ ସେମାନେ ନିଜ ନିଜର ପରମ୍ପରା, ଆଦର୍ଶଗତ ଜୀବନ ଶୈଳୀ, ଭାଷା କୁ କେବେ କେଉଁଠି ନିମ୍ନ ସ୍ତର କୁ ନେଇଯାଇ ବଳୀ ପକାଇ ନାହାନ୍ତି, ଏବେ ବି କେଉଁଠି ନା କେଉଁଠି ଆମେ ଆମ ସୃଷ୍ଟିର ଆରମ୍ଭ ଆଦି ମାନବକୁ ଆଦିବାସୀ ମାନଙ୍କ ରୂପରେ ଭେଟୁ। ଆମ ରାଜ୍ୟରେ ଅନେକ ଜିଲ୍ଲାରେ ଆଦିବାସୀମାନେ ପାହାଡ଼, ବଣ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଅବହେଳିତ ହୋଇ ରହି ଆସୁଛନ୍ତି।

ଆମ ମନକୁ ଅନେକ ସମୟରେ ଏହି ପ୍ରଶ୍ନ ଆସେ ଆଦିବାସୀମାନେ ଅବହେଳିତ କେଉଁଠି ? ଆମ ରାଜ୍ୟରେ ସରକାର ସେମାନଙ୍କ ପାଇଁ ଅନେକ ପ୍ରକାରର ଯୋଜନା ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି, ପ୍ରଶାସନିକ ସ୍ତରରେ ସବୁ ପ୍ରକାର ବ୍ୟବସ୍ଥା, ସଶକ୍ତିକରଣ, ପ୍ରକଳ୍ପ ମାନ ସେମାନଙ୍କ ପାଇଁ କାର୍ଯ୍ୟ କାରି ହେଉଛି ସେଠାରେ ସେମାନେ ଅବହେଳିତ କେଉଁଠି ?

ଏଠାରେ ସବୁପ୍ରକାର ଦୃଷ୍ଟିକୋଣକୁ ନେଇ ବିଚାର କରାଯିବା ଉଚିତ୍, ଦେଖିବା ଉଚିତ୍ ଯେ ସେମାନେ କ'ଣ ପ୍ରକୃତ ରେ ସବୁକିଛି ସରକାରୀସ୍ତରରେ ସୁବିଧା ସୁଯୋଗ ପାଇ ପାରୁଛନ୍ତି କି ? ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଅନେକ ପ୍ରକାରର ଯୋଜନା ସୁବିଧା ସବୁକିଛି ଅଛି ବୋଲି ସରକାର ପ୍ରତ୍ୟେକ ଦିନ ଖବର କାଗଜ, ଟିଭି, ସାମାଜିକ ଗଣମାଧ୍ୟମଗୁଡିକ ରେ ପ୍ରଚାର କରୁଥିବା ସରକାରଙ୍କୁ ସାଧାରଣ ଜନତାର ପ୍ରଶ୍ନ, କିଛି ବର୍ଷରେ କିଛି ରାଜ୍ୟମାନଙ୍କରେ ନକ୍ସଲ ଆକ୍ରମଣର ଉଗ୍ରତା ଓ ନକ୍ସଲ ସୃଷ୍ଟି କାହିଁକି ହେଉଛି ? ରାଜ୍ୟ ମାନଙ୍କରେ ଦାଦନ ଶ୍ରମିକ କାହିଁକି ବଢୁଛନ୍ତି ? ଶିକ୍ଷିତ ଯୁବକ ଯୁବତୀମାନଙ୍କର ବେକାରୀ ସମସ୍ୟା କାହିଁକି ବଢୁଛି ?

**Indian diaspora yearly Report** ଅନୁଯାୟୀ ଅନେକ ଯୁବବର୍ଗ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା, ଅଧାରୁ ପାଠ ଛାଡ଼ି ଖାଦ୍ୟ ଅନ୍ୱେଷଣରେ ଦାଦନ ଶ୍ରମିକ ହେବା କିଛି ଆଦିବାସୀ ଶିକ୍ଷିତ ଯୁବକ ଯୁବତୀ ନୈରାଶ୍ୟ ହୋଇ ସରକାରଙ୍କର ନିରବତା, ଓ ହୀନମନ୍ୟତା ନୀତି ଆଦର୍ଶକୁ ଦେଖି ନକ୍ସଲ ବାଦୀର ରୂପ ନେବା ପଛରେ ଦାୟୀ କିଏ ?

ଆଜି ବି ଆମ ରାଜ୍ୟରେ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କୁ ସେମାନଙ୍କର ମୌଳିକ ଅଧିକାର, ସୁବିଧା ସୁଯୋଗ ମିଳିପାରୁନାହିଁ, କେଉଁଠି ଯାତାୟାତ ପାଇଁ ରାସ୍ତା ନାହିଁ ତ କେଉଁଠି କାହା ପାଖରେ ଖାଦ୍ୟ, ପାଣି ପହଞ୍ଚି ପାରୁନାହିଁ, କେଉଁଠି ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ତ କେଉଁଠି ଆଦିବାସୀ ଶିକ୍ଷିତ ଯୁବକ ଯୁବତୀ ଉଚ୍ଚଶିକ୍ଷା ର ମାନଙ୍କ ନିର୍ଦ୍ଧାରଣ ରେ ଅକ୍ଷମ କହି ଉଚ୍ଚ ଶିକ୍ଷା ପାଇବା ନିମନ୍ତେ ସୁଯୋଗ ହରାଉଛନ୍ତି । ପୂର୍ବରୁ ସେମାନେ ପଛୁଆ ବର୍ଗ ଥିଲେ ଏବେ ମଧ୍ୟ ପଛୁଆ ବର୍ଗ ହୋଇ ରହୁଛନ୍ତି। ଏଥିପାଇଁ ଦାୟୀ କିଏ ? କାହିଁକି ଆଦିବାସୀ ମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁ ନାହାନ୍ତି ? ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକର ମୂଳ ସ୍ତରକୁ ଯାଇ ତଦାରଖ କରିବା ଉଚିତ୍। ଦାଦନ ଶ୍ରମିକ ଠାରୁ ନକ୍ସଲ ବାଦର ମୂଳ ଉତ୍ପତ୍ତିକୁ ସରକାରଙ୍କ ଦୃଷ୍ଟି ରହିବା ନିହାତି ଆବଶ୍ୟକ। ସମାଜରେ ସମସ୍ତଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ କରିବାକୁ ହେଲେ

ଏଥିପାଇଁ ସରକାର, ପ୍ରଶାସନ ଓ ସାଧାରଣ ଜନତାମାନଙ୍କର ମିଳିତ ସହଯୋଗ ରହିବା ଆବଶ୍ୟକ ସବୁକିଛି ସରକାରୀ କାଗଜପତ୍ର ଦସ୍ତାବିଜରେ ନ ରହି କାର୍ଯ୍ୟ କାରୀ ହେଲେ, ହୁଏତ ଆମ ସମାଜରେ ଓ ଆମ ରାଜ୍ୟ ତଥା ଦେଶର ଅନେକ ପରିବର୍ତ୍ତନ ଘଟିବ।

(ବସୁଧୈବ କୁଟୁମ୍ବ କମ୍) ସମସ୍ତ ମଣିଷ ମୁଖରେ ଏକ ନାରା ହୋଇ ନରହି ନିଆରା କାର୍ଯ୍ୟପନ୍ଥା ଅବଲମ୍ବନରେ ନୂତନ ପରିବର୍ତ୍ତନ ଦିଗ ଆଡ଼କୁ ଅଗ୍ରସର ହେବ। ଆଦିମ ଯୁଗରୁ ସୃଷ୍ଟି ଆଦିବାସୀ ମଣିଷ ନିଜର ପରିଚୟ ପାଇ ପାରିବ।

ଜୟ ଜଗନ୍ନାଥ, ଧନ୍ୟବାଦ

ଫକୀର ମୋହନ ବିଶ୍ୱବିଦ୍ୟାଳୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରେମୁଣା, ବାଲେଶ୍ୱର।




### ବିଳାପ

**ସିଦ୍ଧେଶ୍ୱର ପାଣିଗ୍ରାହୀ**



ନିର୍ବାସିତ ହୋଇ ନିର୍ଜନ ଦ୍ୱୀପରେ
ଆଜି ମୁଁ ସମ୍ପୂର୍ଣ୍ଣ ଏକାକୀ
ନାହିଁ ପୁତ୍ର,କନ୍ୟା ଅବା ଦାରା
ନାହିଁ ସଖା ନାହିଁ ସହୋଦର
ବିଚିତ୍ର,ଆଶ୍ଚର୍ଯ୍ୟକର
ଏ ମାୟା ସଂସାର ।
ପାଉଥିଲି ଅଯାଚିତ
ଆଦର, ସମ୍ମାନ
ଥିଲା ଯେବେ ଅର୍ଥ ଓ କ୍ଷମତା
ଯିବାକୁ ମୋ ଇଚ୍ଛା ବିରୁଦ୍ଧରେ
କେହି କେବେ କରିନି ଧୃଷ୍ଟତା ।
ମୋ ବଚନ ଥିଲା
ସତେ ଅବା
ବେଦଗାର ପରି
ଇଶାରା ମାତ୍ରକେ ଇଚ୍ଛା
ଯାଉଥିଲା ପୂରି ।
ମୋ ସୁଖ, ସୁବିଧା ପାଇଁ
ଥିଲେ ସବୁ ଚଞ୍ଚଳ, ତତ୍ପର
ସମୟ ଉପରେ ଥିଲା
ମୋର ଅଧିକାର ।
ହେଲେ ଆଜି ସେ ସମୟ
ଯାଇଛି ବଦଳି
କୃତଘ୍ନତା ନଗ୍ନନୃତ୍ୟ
କରେ ଛନ୍ଦ ତୋଳି
ସ୍ନେହ, ପ୍ରେମ ପାଲଟିଛି
ଦିବାସ୍ୱପ୍ନ ପରି
ନାହିଁ ବଳ ନାହିଁ ସେ କ୍ଷମତା
ବାର୍ଦ୍ଧକ୍ୟରେ ସବୁକିଛି
ଯାଇଛି ଉଜୁଡ଼ି ।
ଆପଣାର ଏବେ ସବୁ
ହୋଇଛନ୍ତି ପର
ନିଃସଙ୍ଗତା ଏକମାତ୍ର
ସହଚର ମୋର
ଘୃଣ୍ୟ ଏକ ପରମ୍ପରା
ଟେକିଲାଣି ଶିର
ବୃଦ୍ଧାଶ୍ରମ ହେଲା ଆଜି
ଠିକଣା ମୋହର ।
ଘର ଗଲା,ଗଲା ପରିବାର
କିଏ ବା ଶୁଣିବ ଏଠି
ବିଳାପ ମୋହର
ଆପଣାର ଲୋକ ନିଜ
ଦାୟିତ୍ୱ ତୁଟାଇ
ସାଜିଛନ୍ତି ଚିର ଅନ୍ଧ
ମୂକ ଓ ବଧିର ।

### ଜୀବନ ତ ନଈଟିଏ

**ବିଶ୍ୱନାଥ କର**



ଜୀବନ ତ ନଈଟିଏ
ଅବୁଝା ଚପଳା
କଳକଳ ଛଳଛଳ ଅଝଟ ଚଞ୍ଚଳା
ଜୀବନ ତ ନଈଟିଏ
ସ୍ୱପ୍ନ ଅସ୍ୱପ୍ନର ଊର୍ମିମାଳା ।

କେବେ ମରୁଭୂମିର ରୋମାଞ୍ଚିତ
ଏକକ ବାହିନୀ
କେବେ ରୋମାଞ୍ଚହୀନ ଆଖିରେ
ଶୂନ୍ୟ ଚାହାଁଣି
ଅଭିମାନେ କେବେ ଚାଲୁଥାଏ
ଅପେକ୍ଷା ନକରି ଆଶାର ଶ୍ରାବଣୀ ।
ଧାଉଁଥାଏ ଧାଉଁଥାଏ ଖାଲ ଢିପ
ନମାନି
ମନରେ ଜହ୍ନର ତାତି ନେଇ
ମନରେ ସାରା ଆକାଶର ଆଲୁଅ
ନେଇ।

ଶେଷରେ ତ ମିଶ୍ୱାକୁ ପଡ଼ିବ
ଅନନ୍ତ ସାଗରର ? ପ୍ରଶାନ୍ତ କୋଳରେ
ହଜେଇ ଦେବାକୁ ହେବ ସବୁ
ଆଶା ଓ ଆକାଙ୍କ୍ଷ
ଶେଷ ସୂର୍ଯ୍ୟାସ୍ତର ବାସ୍ତବ ଠିକଣାରେ ।

ଜୀବନ ତ ନଈଟିଏ
ବୁଝିବି ଅବୁଝା ରାସ୍ତା ଧାରେ
କେତେ କଣ୍ଟା
କେତେ ଝଡ କେତେ ଝଞ୍ଜା ଜୁଇର
ଲେଲିହାନ ଶିଖା
ରକ୍ତାକ୍ତ ସମୟର ହସ୍ତ ଲେଖା
ନିୟତିର ପ୍ରାପ୍ତି ଅପ୍ରାପ୍ତିର ଖେଳ ।

ଜୀବନ ତ ନଈ ଭଳି ଗତିଶୀଳ
ଖୋଜି ଖୋଜି ବେଳାଭୂମି
ଖୋଜି ଖୋଜି ଜୀବନକୁ ଘଟଣାରେ
ଲୀନ
ସବୁ ମାୟା ବନ୍ଧନର ଶେଷ ସତ୍ୟ
ଅଥଳ ସାଗରେ ହଜିଯିବ ଦୁର୍ମୂଲ୍ୟ
ଜୀବନ
ଛାଡି କିଛି ଆଲୁଅ ଅନ୍ଧାରର
ପଦଚିହ୍ନ।

♥ ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ୭୫୩୦୦୮
ମୋ:୯୭୭୬୩୩୨୬୩୯

### ମିଳନର ସୁଖ

**ରୋହିତ ସେଠୀ**

ପ୍ରେମ ପାଇଁ କିଏ ତ୍ୟାଗ କରିଅଛି
ନିଜର ସତ୍ତାକୁ ଭୁଲି
ଆଉ କିଏ ପୁଣି ତିଳ ତିଳ କରି
ନିଜକୁ ଦେଇଛି ଜାଳି ।
ସାଗର ବୁକୁରେ ଲୀନ ହେବାପାଇଁ
ସରାଗେ ପାହାଡ଼ି କନ୍ୟା
ପାଷାଣର ଶକ୍ତ ପ୍ରହାର ସହିଛି
ଛୁଟାଇ ପ୍ରୀତିର ବନ୍ୟା ।
ସାଗର ପ୍ରେମର ଅଲୌକିକ ସ୍ପର୍ଶ
ବ୍ୟାକୁଳ ତାହାକୁ କରେ
ସେଥିପାଇଁ ବୋଧେ ନିମ୍ନଗା ନେତ୍ରରୁ
ଆନନ୍ଦର ଅଶ୍ରୁ ଝରେ ।
କୁଟା କାଠି ମିଶା ଆବର୍ଜନାକୁ ସେ
ସମ୍ବର୍ଦ୍ଧନା ଭାବି ନିଏ
ପ୍ରେମ ପାଇଁ କଣ୍ଟକିତ ପଥେ ଚାଲି
ମିଳନର ସୁଖ ପାଏ ।

♥ ଖଜୁରୀପଡ଼ା,କନ୍ଧମାଳ
ମୋ:୭୭୩୫୨୧୪୩୭୯

CMYK

# ବିଜ୍ଞାନମନସ୍କ ବିଦ୍ୟାର୍ଥୀ 'ବିନମ୍ର'



ଚନ୍ଦ୍ରଯାନର ଅପୂର୍ବ ସଫଳତା ପରେ ପୁଣି ଆଦିତ୍ୟ ଏଲ୍- ୧ର ସଫଳ ପରୀକ୍ଷଣ ଆମ ଭାରତୀୟ ବୈଜ୍ଞାନିକଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିଛି ।ଏହି ବିଜ୍ଞାନର ସଫଳତାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ନବମ ଶ୍ରେଣୀର ଛାତ୍ର ବିନମ୍ର ତାଙ୍କର ଲେଖକୀୟ ପରିଚିତି ସୃଷ୍ଟି କରିଛନ୍ତି। ବିଶିଷ୍ଟ ବୈଜ୍ଞାନିକ ରୋଜର ପେନରୋଜଙ୍କ ମତାନୁସାରେ ବିଜ୍ଞାନ ଲେଖିବା ପାଇଁ ବୟସ ବାଧକ ନୁହେଁ ।ଯାହାକୁ ପ୍ରମାଣ କରିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ର ବିନମ୍ର ଶତପଥୀ ।ତାଙ୍କ ପିତା ବିକାଶ କୁମାର ଶତପଥୀ ଜଣେ ବିଶିଷ୍ଟ ସଂଗ୍ରାହକ ଓ ବାଇଚଢ଼େଇ ପତ୍ରିକାର ସମ୍ପାଦକ। ମାତା ବନିତା ନନ୍ଦଙ୍କର ସେ ହେଉଛନ୍ତି ଏକୋଇରବଳା ବିଶିକେଶନ ।ଯେଉଁ ସମୟରେ ପିଲାମାନେ ମୋବାଇଲ ଧରି ଅନଲାଇନରେ ପାଠ ପଢିବା ବାହାନାରେ ନଷ୍ଟ ହେଉଥିଲେ ସେହି କୋଭିଡ ସମୟରେ ବିନମ୍ର ପାଠ ପଢିବା ସହିତ ମୋବାଇଲରେ ଗ୍ରାଫିକ୍ସ ଡିଜାଇନ୍ କରି ୨୦୨୨ ମସିହାରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସର୍ବକନିଷ୍ଠ ଗ୍ରାଫିକ୍ସ ଡିଜାଇନର ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି। ପାଠପଢା ସହିତ ବକ୍ତୃତା,ପ୍ରବନ୍ଧ ଲିଖନ, ମଞ୍ଚ ସଂଯୋଜନା,ଅଭିନୟ ଓ ବେଦପାଠରେ ତାଙ୍କର ପାରଦର୍ଶିତା ତାଙ୍କୁ ବହୁ ପୁରସ୍କାର ସାଉଣ୍ଟିବାରେ ସାହାଯ୍ୟ କରିଥିଲା। ଏଥିସହିତ ବିଭିନ୍ନ ସମୟରେ ତାଙ୍କର ଶିଶୁଗଳ୍ପ,କବିତା,ଚିତ୍ର,ବିଜ୍ଞାନ ଲେଖାମାନ ଓଡିଶାର ବହୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ଏବେ ତାଙ୍କର ପ୍ରଥମ ପୁସ୍ତକ ପଦାର୍ଥବିଜ୍ଞାନର ତତ୍ତ୍ୱ ଓ ତଥ୍ୟ ସଦ୍ୟ ପ୍ରକାଶ ପାଇଛି ।ଯେଉଁଥିରେ ପଦାର୍ଥବିଜ୍ଞାନର ଚାରୋଟି ତତ୍ତ୍ୱ ଓ ତଥ୍ୟ ସ୍ଥାନିତ ହୋଇଛି। ପୁସ୍ତକଟିରେ ଆପେକ୍ଷିକ ତତ୍ତ୍ୱ,ପ୍ରମାତ୍ର ବିଜ୍ଞାନ ବା କ୍ୱାଣ୍ଟମ ମେକାନିକ୍ସର ସଂକ୍ଷିପ୍ତ ଇତିହାସ,ସମୟ ଓ କୃଷ୍ଣଗର୍ତ୍ତ ନାମକ ବିଷୟଗୁଡିକ ସ୍ଥାନ ପାଇଛି ।ଏହା ୭୨ପୃଷ୍ଠା ସମ୍ୱଳିତ ପୁସ୍ତକଟିକୁ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ କରିଥିବା ବେଳେ ମୂଲ୍ୟ ୧୫୦ଟଙ୍କା ରହିଛି ।ବିନମ୍ର ତାଙ୍କ ନବମ ଶ୍ରେଣୀ ବୟସରେ ଏପ୍ରକାର ପୁସ୍ତକ ଲେଖିବା ବିଜ୍ଞାନ ଲେଖକମାନଙ୍କୁ ମଧ୍ୟ ଚକିତ କରିଛି। ଏହି ପୁସ୍ତକଟି ବିଜ୍ଞାନ ମନସ୍କ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟୀ ହେବ ନିଶ୍ଚୟ ।ବିନମ୍ର ଭବିଷ୍ୟତରେ ଆମ ଭାରତୀୟ ବିଜ୍ଞାନୀମାନଙ୍କ ଜ୍ଞାନଭଣ୍ଡାରରେ ସାମିଲ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରନ୍ତୁ ଏହା ହିଁ ଆମର କାମନା।




ନବମ ଶ୍ରେଣୀର ଛାତ୍ର ବିନମ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ।




ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନଙ୍କ ଗହଣରେ ନବମ ଶ୍ରେଣୀର ଛାତ୍ର ବିନମ୍ର ।

# କିପରି ନେବେ ଯାଆଁଳା ଶିଶୁଙ୍କ ଯତ୍ନ ? ଜାଣନ୍ତୁ ଏହି ଟିପ୍ସ



ଆଜିକାଲି ବହୁତ ଯାଆଁଳା ଶିଶୁ ଜନ୍ମ ହେଉଛନ୍ତି । ହେଲେ ଏକାସଂଗରେ ସେମାନଙ୍କ ଯତ୍ନନେବା କଷ୍ଟକର ହୋଇଥାଏ । ଯେଉଁମାନେ ଜଏଣ୍ଟ ଫ୍ୟାମିଲରେ ରହିଥିବେ ସେମାନଙ୍କୁ ଦୁଇ ଶିଶୁର ଏକାସଂଗେ ଯତ୍ନନେବା ସହଜ ହୋଇଥାଏ । କିନ୍ତୁ ଯେଉଁମାନେ ଛୋଟ ପରିବାର ଯେକି କେବଳ ସ୍ୱାମୀ, ସ୍ତ୍ରୀ ଥାଆନ୍ତି ସେମାନଙ୍କ ପକ୍ଷେ ଯତ୍ନନେବା ବହୁତ କଷ୍ଟସାଧ ହୋଇଥାଏ । ବାସ୍ତବରେ ଯାଆଁଳା ଶିଶୁଙ୍କୁ ସବୁବେଳେ ଧ୍ୟାନ ଦେବାକୁ ପଡିବ ଯେମିତି ସେମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବା ଆଦି ସବୁକିଛି । ଯାହା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ । ଏପରି ପରିସ୍ଥିତିରେ ଆପଣ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସକୁ ଆପଣାନ୍ତୁ । ଯାଆଁଳା ପିଲା ସାଧାରଣତଃ ବେଶି କନ୍ଦାକଟା କରିଥାନ୍ତି । ସେମାନଙ୍କୁ ସମ୍ଭାଳିବା କଷ୍ଟ ହୋଇଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ କିଛି ଛୋଟ ଛୋଟ ଜିନିଷର ଯତ୍ନ ନେବେ, ତେବେ ଯାଆଁଳା ପିଲାମାନଙ୍କର ଯତ୍ନ ନେବା ଆପଣଙ୍କ ପାଇଁ ଅତି ସହଜ ହୋଇଯିବ । ଆପଣ ରୁଟିନ୍ ସେଟ୍ କରନ୍ତୁ । ଆପଣ ପିଲାମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବାର ନିତ୍ୟକର୍ମ ଏକ ନିର୍ଦ୍ଦିଷ୍ଟ ସମୟରେ କରନ୍ତୁ । ଯାହାଫଳରେ କି ପିଲାମାନଙ୍କ ଭୋକ, ଶୋଇବା, ଉଠିବାର ସମୟ ଆପଣ ଜାଣିପାରିବେ । ଆପଣ ବାକି ଅନ୍ୟ କାମ ସବୁକୁ ସହଜରେ କରିପାରିବେ । ଶିଶୁମାନଙ୍କୁ କ୍ଷୀର ଖୁଆଇବା ସମୟରେ ଦୁଇଟି ତକିଆ ମଧ୍ୟ ବ୍ୟବହାର କରନ୍ତୁ ।

# କଣ ରହିଛି ନଡ଼ିଆ ପାଣି ପିଇବାର ସଠିକ୍ ସମୟ ?: ନହେଲେ ହେଇପାରେ ଏଭଳି ସମସ୍ୟା



ନଡ଼ିଆ ପାଣି ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ବୋଲି କୁହାଯାଏ । ଏହା ଗରମ ଦିନରେ ବହୁତ ଆରାମ ଦେଇଥାଏ , କିନ୍ତୁ ଜାଣିଛନ୍ତି କି ଏହାକୁ ପିଇବାର ସଠିକ ସମୟ କଣ ? ଗରମ ଦିନରେ ଥଣ୍ଡା ପିଇବାର ମଜା ହିଁ କିଛି ଅଲଗା ହୋଇଥାଏ, ଯେମିତିକି ନଡ଼ିଆର ପାଣି । ଆପଣମାନେ ନଡ଼ିଆ ପାଣି ପିଇବାର ଫାଇଦା ତ ଜାଣିଛନ୍ତି, ସେ ପେଟକୁ ଥଣ୍ଡା କରିବା ସହିତ ଶରୀରକୁ ଆରାମ ମଧ୍ୟ ଦେଇଥାଏ । ଏହା ସହିତ ସେ ଜଳ ଶୂନ୍ୟତାକୁ ଦୂର କରିଥାଏ ଏବଂ ଚର୍ମ ପାଇଁ ମଧ୍ୟ ବହୁତ ଉପକାରୀ ଅଟେ । ଯାହା ବି ହେଉ ଗରମ ଦିନରେ ଆମେ ଅଧିକ ନଡ଼ିଆ ପାଣି ସେବନ କରିଥାଉ, କିନ୍ତୁ ନଡ଼ିଆ ପାଣି କିଛି ଲୋକଙ୍କ କ୍ଷତି ମଧ କରିଥାଏ । ସଠିକ ସମୟରେ, ସଠିକ ଉପାୟରେ ଏବଂ ସଠିକ ପରିମାଣରେ ନଡ଼ିଆ ପାଣି ପିଇବା ଆବଶ୍ୟକ । ସୂଚନା ଅନୁଯାୟୀ ନଡ଼ିଆ ପାଣି ପିଇବା ଦ୍ୱାରା ନିମ୍ନ ରକ୍ତଚାପ, ବିଭିନ୍ନ ପେଟ ଯନ୍ତ୍ରଣା , ଥଣ୍ଡା-କାଶ-ଜ୍ୱର , ଓଜନ ବଢିବାର ମଧ ସମସ୍ୟା ଇତ୍ୟାଦି ଦେଖାଦେଇଥାଏ । ଏହାକୁ ଅଧିକ ପରିମାଣରେ ସେବନ କରିବା ଦ୍ୱାରା କିଛି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଯେଉଁ ବ୍ୟକ୍ତି ମାନଙ୍କର ଠାରେ ସୁଗର ଭଳି ରୋଗ ଥାଏ,ସେମାନେ ପଇଡ଼ ପାଣି ପିଇବା ଉଚିତ ନୁହେଁ । କାରଣ ଏହା ଦ୍ୱାରା ସୁଗରର ସ୍ତର ଶୀଘ୍ର ବଢିଥାଏ । ଯଦି ଶରୀରରେ କୌଣସି ତତ୍ତ୍ୱ ବଢିଯାଏ ତେବେ ଶରୀରରୁ ପାଣି ସୁଖିବାରେ ଲାଗିଥାଏ । ଯାହାଫଳରେ କି ଡ଼ାଇରିଆ ହେବାର ସମ୍ଭାବନା ଥାଏ ।

# ମଡ୍ୟୁଲାର କିଚେନ୍ ମୋହରେ ମହିଳା



ଗାଁ ଗହଳିରେ ଆଜି ମଧ ମା' ମାଉସୀମାନେ ରୋଷେଇ ଘରକୁ ହାଣ୍ଡିଶାଳ ବୋଲି କହିଥାନ୍ତି । ଏଇ 'ହାଣ୍ଡିଶାଳ' ଶବ୍ଦଟି ପ୍ରକୃତରେ ଖୁବ୍ ଆପଣାର ଲାଗିଥାଏ । ହେଲେ ନଗରୀ, ମହାନଗରୀ ସଭ୍ୟତାରେ ମଡ୍ୟୁଲାର କିଚେନ୍ ଆଧୁନିକତାର ସ୍ପର୍ଶ ଦେଉଛି । ମଡ୍ୟୁଲାର କିଚେନ୍ ଆଖିକୁ ଚକ୍‌ଚକ୍ ଓ ସୁନ୍ଦର ଦେଖାଯାଇଥାଏ, ହେଲେ ଗାଁ ହାଣ୍ଡିଶାଳର ବାସ୍ନା ଏଠାରେ ମିଳିଥାଏ । ନିକଟରେ ଗାଁ ରୋଷେଇ ଘର ଓ ସହରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍‌କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା । ଆଜିକାଲି ୩୪%ରୁ ଅଧିକ ମହିଳା ମଡ୍ୟୁଲାର କିଚେନ୍‌କୁ ପସନ୍ଦ କରୁଛନ୍ତି । କାରଣ ଏହା ଜରିଆରେ ରୋଷେଇ ଘର ସାମଗ୍ରୀ, ଜିନିଷ, ବାସନକୁସନ ସବୁକିଛି ବ୍ୟବସ୍ଥିତ ରହିପାରୁଛି । ହେଲେ ସାଧାରଣ ରୋଷେଇଘରେ ଏସବୁ ବ୍ୟବସ୍ଥା ନଥିବାରୁ ମହିଳାମାନେ ରୋଷେଇରେ ଆଗ୍ରହ ପ୍ରକାଶ କରୁନାହାନ୍ତି।

♦ ବିଶେଷଜ୍ଞଙ୍କ ମତରେ ଆଗ କାଳରେ ଗୃହିଣୀମାନେ ହେମଦସ୍ତାରେ ମସଲା କୁଟିବା ସହ ଶିଳରେ ବାଟୁଥିଲେ । ସେସବୁ ମସଲା ତରକାରୀ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିଲା । ଆଜିର ନୂଆ ଡିଜାଇନ୍ କିଚେନ୍‌ରେ ଗ୍ରାଇଣ୍ଡର ବଟା ମସଲାରେ ସେଭଳି ସ୍ୱାଦ କିମ୍ବା ବାସ୍ନା ନାହିଁ ।

♦ ଗାଁ ଗହଳିରେ ଆଜି ମଧ ମାଟି ହାଣ୍ଡି, ପାତ୍ରରେ ରୋଷେଇ କରାଯାଉଛି । ହେଲେ ସହରୀ ମଡ୍ୟୁଲାର କିଚେନ୍‌ରେ ଆଲୁମିନିୟମ୍, ଷ୍ଟେନ୍‌ଲେସ୍ ଷ୍ଟିଲ, ନନ୍-ଷ୍ଟିକ୍ ବାସନରେ ପ୍ରୟୋଗ ହେଉଛି । ଯାହାର ଅଧିକ ଅଧିକ ବ୍ୟବହାର କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ସମୟକ୍ରମେ ଉପୁଜିଥାଏ ।

♦ ମଡ୍ୟୁଲାର କିଚେନ୍‌ରେ ମଧ ମାଟି ପାତ୍ରରେ ରାନ୍ଧିପାରିବେ । ଷ୍ଟିଲ୍ ପରିବର୍ତ୍ତେ ସେରାମିକ୍ ଥାଳିରେ ଖାଦ୍ୟ ଖାଇବା ଭଲ । କିଛି ବର୍ଷ ତଳେ ଲୋକେ ପର୍ବପର୍ବାଣି, ବିବାହ, ବ୍ରତରେ କଦଳୀ ପତ୍ରରେ ପରଷି ଖାଉଥିଲେ । ଆଜିକାଲି କିନ୍ତୁ କାଗଜ ପ୍ଲେଟ୍‌ର ଚାହିଦା ବଢ଼ିବାରେ ଲାଗିଛି ।

♦ ବିଶେଷଜ୍ଞଙ୍କ ମତରେ ଏହି କିଚେନ୍ ପରିଷ୍କାର ରହିଥାଏ । ଜିନିଷ ବ୍ୟବସ୍ଥିତ ରହିବା କାରଣରୁ କାମ କରିବାକୁ ଭଲ ମଧ ଲାଗେ । ହେଲେ ଆମ ପୁରାତନ ପରମ୍ପରାକୁ ନ ଭୁଲି ଆମେ ମସଲାକୁ ସେହିଭଳି ଗୁଣ୍ଡ କରି ଏୟାର୍-ଟାଇଟ୍ ଡବାରେ ରଖିପାରିବା ।



# ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ !

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ। କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି'କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ। ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ। ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ।



ନମକିନ୍ ଓ ଚିପ୍ସ : ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

ଚିନିଜାତୀୟ ଖାଦ୍ୟ : ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

ପ୍ୟାକେଟ୍ ଖାଦ୍ୟ : ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ। ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ।

ଜଙ୍କ୍ ଫୁଡ୍ : ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ ।ଆପଣଙ୍କ ଶରୀରର ହାଡ଼ ନଷ୍ଟ ହେବାର ବିପଦକୁ ବଢ଼ାଇଥାଏ ଏହି ୫ଟି ଖାଦ୍ୟ, ଆପଣ ଖାଉ ନାହାନ୍ତି ତ ?

# ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଯେତେ ଧରାପଡୁଛି ବେପାର ସେତେ ବଢୁଛି

ମାଲକାନଗିରି, ୨୩/୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଚାଲିଛି ଖୁଲମଖୁଲା ଗଂଜେଇ ଚାଷ ଆଉ ବେପାର। କିଏ ଗଞ୍ଜେଇ ଗଛରେ ସାର ପ୍ରୟୋଗ କରୁଛି ତ ଆଉ କିଏ ପତ୍ର ଓ ମଞ୍ଜିକୁ ଆଲଗା କରୁଛି। ଗଂଜେଇକୁ ଶୁଖାଇ ମାଡି ମକଚି ଏକାଠି କରିବା ପରେ ପଲିଥିନରେ ପ୍ୟାକିଂ ହେଉଛି। ଆଉ ମଧ୍ୟସ୍ଥିଙ୍କ ଜରିଆରେ ମାଫିଆ ତଥା ବ୍ୟବସାୟୀଙ୍କ ସହ ମୂଲଚାଲ ପରେ ଗାଡି ଲାଗୁଛି ଘର ଦ୍ୱାରରେ। ଏଭଳି ବେଧଡକ ଚାଲିଛି ଗଂଜେଇ ବେପାର। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳ ସହ ପାପୁଲୁର ଓ କୁରମାନୁର ପଂଚାୟତରେ ବେଲଗାମ ଭାବେ ହେଉଛି ଏହି ବେଆଇନ କାରବାର। କିଛି କ୍ଷେତ୍ରରେ ମାଓବାଦୀଙ୍କର ଆଶୀର୍ବାଦ ରହୁଥିବା ବେଳେ ଆଉ କେତେକ କ୍ଷେତ୍ରରେ ପୁଲିସ ଏବଂ ଅବକାରୀ କର୍ମଚାରୀ ମାଫିଆଙ୍କ ସହ ହାତ ମିଳାଇ ବେପାରକୁ ପ୍ରୋତ୍ସାହିତ କରୁଛନ୍ତି।ରାତାରାତି କୋଟିପତି ହୋଇଯିବା ନିଶାରେ ସମସ୍ତେ ମୁହାଉଛନ୍ତି ଏହି ନିଶା ବେପାର ଆଡକୁ। ବିଶେଷକରି ପାଠ ପଢି ଭଲ ମଣିଷ ହେବାର ସ୍ୱପ୍ନ ଦେଖିବା ବଦଳରେ ଯୁବ ସମାଜ ଏହି ସବୁଜ ଚାଷରେ ମାତି ବେପଥଗାମୀ ହେବାରେ ଲାଗିଛି। ଚାଷ ଜମି ଠାରୁ ଆରମ୍ଭ କରି ଜଙ୍ଗଲ ଜମି ସବୁଜ ରଙ୍ଗରେ ହସି ଉଠୁଥିଲା। ଶହଶହ ଏକର ସବୁଜ କ୍ଷେତରେ ଅନ୍ୟ କିଛି ନୁହେଁ ହେଉଛି ଗଂଜେଇ ଚାଷ। ଚାଷୀ ଗଞ୍ଜେଇ ଗଛରେ ପ୍ରତିଦିନ ପାଣି ସହ ସାର ପ୍ରୟୋଗ କରନ୍ତି। ଗଂଜେଇ ଅମଳ କାର୍ଯ୍ୟରେ ଉଭୟ ମହିଳା ଏବଂ ପୁରୁଷ ଲାଗିଥାନ୍ତି। କିଏ ଗଂଜେଇ ଗଛରୁ ପତ୍ରକୁ ଅଲଗା କରନ୍ତି, ତ ଆଉ କିଏ ଏହାକୁ ବିଛାଇ ଗୋଡରେ ମାଡୁଥାଏ। ଏହି ନିଷିଦ୍ଧ କାର୍ଯ୍ୟ ନିର୍ଭୟର ସହ ଘର ବାରଣ୍ଡାରେ କରନ୍ତି।

ପୁଲିସ କିମ୍ବା ଅବକାରୀ ଚଢଉର ଆଶଙ୍କା ରହିଥିଲେ ମଧ ଏହି ଲୋକମାନେ ବେଫିକର ରୁହନ୍ତି। ସତେ ଯେମିତି ଅନ୍ୟ ଚାଷ ଭଳି ଗଂଜେଇ ମଧ ଏହି ଦୁର୍ଗମ ଅଂଚଳବାସୀଙ୍କ ପାରମ୍ପରିକ ବେଉସା ପାଲଟିଯାଇଛି। ପରିବାରର ସବୁ ସଦସ୍ୟ ଏହି କାମରେ ନିୟୋଜିତ ହୋଇଥାନ୍ତି। ଏହି ଚାଷରେ ପ୍ରବଳ ଅର୍ଥ ରହିଥିବା ଏବଂ ଚାଷ ପାଇଁ ସବୁକିଛି ଅଗ୍ରୀମ ମିଳୁଥିବାରୁ ଲୋକେ ମଧ ଧାନ, ମାଣ୍ଡିଆ, ହଳଦୀ ଚାଷ ବଦଳରେ ଗଂଜେଇ ଚାଷକୁ ଆପଣେଇ ନେଇଛନ୍ତି। କିଛି ଗଂଜେଇ ଚାଷିଙ୍କ ସହ ଆଲୋଚନାରୁ ଜଣାଗଲା ଯେ, ମାଫିଆ ତଥା ବ୍ୟବସାୟୀମାନେ ଗଞ୍ଜେଇ ଚାଷ କରିବା ପାଇଁ ଅଗ୍ରୀମ ଆକାରରେ ଟଙ୍କା ପ୍ରଦାନ କରିଥାନ୍ତି।ସାଧାରଣତଃ ବର୍ଷା ଋତୁର ଆରମ୍ଭରେ ଜମିକୁ ଉର୍ବରକରି ବିହନ ବୁଣାଯାଇଥାଏ। ଏଥିସହ ଚାରା ଉଠିବା ପରେ ସେଗୁଡିକର ଯତ୍ନ ନିଆଯାଇଥାଏ। ଏଥିପାଇଁ ପରିବାରର ଲୋକେ ପାଳି କରି ନିଜ ଅଧିନରେ ଥିବା ଜମିର ଯତ୍ନ ନେଉଥାନ୍ତି। ନିୟମିତ ପାଣି ଯୋଗାଇ ଦେବା ସହ ସାର, ଖତ ଇତ୍ୟାଦି ଗଛ ମୂଳରେ ଦେଇଥାନ୍ତି। ଧୀରେଧୀରେ ଗଛ ବଡ ହୁଏ ଏବଂ ସେଥିରେ ଫୁଲ ଧରେ। ଗଛ ପାକଳ ହେବା ସହ ଗଛର କେନା କେନା ଜଟ ଝୁଲେ। ଡିସେମ୍ବର ମାସ ହେଉଛି ଗଂଜେଇ ଅମଳର ପ୍ରକୃଷ୍ଟ ସମୟ। ଡିସେମ୍ବର ମାସ ଠାରୁ ଫେବ୍ରୁଆରି ପର୍ଯ୍ୟନ୍ତ ଚାଷି ନିଜ ନିଜ ଜମିରୁ ଗଂଜେଇ ଅମଳ କରି ଘରକୁ ଆଣେ। ତାପରେ ସେସବୁକୁ କିଛି ଦିନ ଧରି ଟାଣ ଖରାରେ ଶୁଖାଇଥାନ୍ତି। ଏହା ସଂପୂର୍ଣ୍ଣ ଶୁଖିଯିବା ପରେ ଗଂଜେଇ ଜଟ ସବୁକୁ ହାତରେ ମନ୍ଥି ଏବଂ ଦରକାର ପଡିଲେ ପାଦରେ ଦଳି ବିକ୍ରି ଉପଯୋଗୀ କରାଯାଏ। ଗଞ୍ଜେଇକୁ ଅମଳ କରି ବ୍ୟବସାୟୀ ପର୍ଯ୍ୟନ୍ତ ପହଂଚାଇବାରେ ସମସ୍ତ ପ୍ରକାର ସହଯୋଗ ଚାଷୀ କରିଥାନ୍ତି। କେତେବେଳେ କାଉଡିରେ ଭାର ବୋହି ତ ଆଉ କେତେବେଳେ ବସ୍ତାରେ ଭର୍ତି କରି ବ୍ୟବସାୟୀଙ୍କ ପାଖରେ ପହଂଚାଇବାର ଦାୟୀତ୍ୱ ମଧ ଚାଷୀ ନେଇଥାଏ। ତେବେ ଗଂଜେଇ ମାଫିଆ ତଥା ମୁଖ୍ୟ ବ୍ୟବସାୟୀମାନେ ପରଦା ପଛରେ ରହି ଏସବୁ କାର୍ଯ୍ୟକୁ ପରିଚାଳନା କରନ୍ତି। ଧରାପଡିଲେ ଚାଷୀ କିମ୍ବା ଚାଲାଣ କରୁଥିବା ବ୍ୟକ୍ତି କାଠ ଗଡାକୁ ଯାଏ। ଆଉ ମାଫିଆଙ୍କ କିଛି ହୁଏ ନାହିଁ। ଏହାର କାରଣ ହେଲା ପୁଲିସ କିମ୍ବା ଅବକାରୀ ବିଭାଗ ଏହା ଜାଣିବା ପରେ ମଧ ବେଳେ ବେଳେ ନିଜ ପକେଟ ଗରମ ହେବା ଯୋଗୁଁ ଏମାନ ଖସିବାରେ ସଫଳ ହେଉଥିବା ଏବଂ ଏହି ମାଫିଆଙ୍କୁ ଖସାଇବାର ସମସ୍ତ ବ୍ୟବସ୍ଥା କରାଯାଇଥାଏ ବୋଲି ଅଭିଯୋଗ ହେଉଛି । ପୁଲିସ ଓ ଅବକାରୀ ଚଢଉ ପରେ ମଧ ଏହି ବେପାର କମିବାର ନାମ ନେଉ ନାହିଁ। ଯେତେ ଧରାପଡୁଛି ସେତେ ବେପାର ଆହୁରି ବଢୁଛି।

# ଶିଶୁ କନ୍ୟା ସାନ୍‌ଭି ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ସର ଅଧିକାରିଣୀ

ପୁରୀ, ୨୩/୪ (ନି.ପ୍ର): ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପ୍ରତିଭା ମଧ୍ୟ ପିଲାଟି ଦିନରୁ ବାରି ହୋଇପଡ଼େ । ଏଭଳି ଅନନ୍ୟ ପ୍ରତିଭାର ଅଧିକାରିଣୀ ପୁରୀ ଅଠରନଳା ନିକଟସ୍ଥ ଗୋପୀନାଥପୁର ମୈତ୍ରୀବିହାରର ସାନଭି ଅମୃତା ପରିଡ଼ା । ବୟସ ମାତ୍ର ଦୁଇ ବର୍ଷ ସାତମାସ । ୧୪ଟି ଯାନର ନାମ । ୧୬ଟି ଫଳର ନାମ । ୨୨ଟି ପରିବା,୧୨ଟି ପଶୁ, ୧୫ଟି ଫୁଲ, ୧୬ଟି ପ୍ରସିଦ୍ଧ ବ୍ୟକ୍ତିତ୍ୱ,୧୮ଟି ମଣିଷର ଅଙ୍ଗ, ୧୬ଟି ପକ୍ଷୀ, ୧୯ଟି କୀଟ, ଭାରତର ୨୮ଟି ରାଜ୍ୟର ରାଜଧାନୀର ନାମ ଓ ବର୍ଷ ମାସ ଓ ସପ୍ତାହର ନାମ ନିର୍ଭୁଲ୍ ଭାବରେ କହିପାରୁଥିବାରୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ ତାଙ୍କୁ ସ୍ୱୀକୃତି ପ୍ରଦାନ କରିଛି । ଦେବୀ ମା ସରସ୍ୱତୀ ତାଙ୍କ କଣ୍ଠରେ ବିରାଜମାନ ଅଛନ୍ତି । ସେଥିପାଇଁ ଏକ ବର୍ଷରୁ ଖନେଇ ଖନେଇ ଗୁଣୁ ଗୁଣୁ ହୋଇ କେତେ କଥା କହୁଥିଲା । ଏସବୁ ବୁଝି ପାରୁନଥିଲେ ବାପା ମାଆ । ଆସ୍ତେ ଆସ୍ତେ ମାଉସୀଙ୍କ ପାଖରେ ବସିଲା ବେଳେ ମାଉସୀ ରାଜ୍ୟର ନାମ କହୁଥିବା ଓ ବିଭିନ୍ନ ଫଳ କଥା କହିବା ସେ ବୁଝି ନିଜେ କହିଲା । ସେହି ଦିନଠାରୁ ସାନ୍‌ଭି ପାଖରେ ଯିଏ ଯେତେବେଳେ ଯେଉଁଠି ପାଖରେ ତାକୁ ବସେଇ ଗେହ୍ଲା କରିବା ସହ ପାଠ ଓ ମାହାତ୍ମା ମାନଙ୍କ ନାମ କହିଲେ ଓ ବହିର ଚିତ୍ର ଦେଖି ଚିହ୍ନେଇଲେ ସେ ସବୁ ଚଟାପଟ ବୁଝି କହିଲା । ତା'ର ଜ୍ଞାନ ଦେଖି ସସସ୍ତେ ଆଶ୍ଚର୍ଯ୍ୟ ହେଲେ । ତାଙ୍କ ବାପା ବିକାଶ ରଞ୍ଜନ ପରିଡ଼ା ଏକ ସମବାୟ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟରତ । ମାଆ ରୋଜାଲିନ ପ୍ରଧାନ ଚାରିଶ୍ରୀ ନୋଡ଼ାଲ ହାଇସ୍କୁଲ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ସାନ୍‌ଭି ଏବେ ପୁରୀ ଜିଲ୍ଲା ଗୋପ ବ୍ଲକ ଗଣେଶ୍ୱରପୁରରେ ପ୍ଲେ ସ୍କୁଲରେ ପାଠ ପଢୁଛି । ତାର ଏହି ସଫଳତା ପଛରେ ମାଉସୀ ପଙ୍କଜିନୀ ପ୍ରଧାନ, ଅଜା ସନ୍ତୋଷ କୁମାର ପ୍ରଧାନ, ଆଇ ଲଳିତା ପ୍ରଧାନ, ଜେଜେ ମନୋଜ କୁମାର ପରିଡ଼ା, ଜେଜେମା ସଞ୍ଜୁକ୍ତା ରାଉତରାୟ ଏବଂ ବଡ଼ବାପା ମାନସ ରଞ୍ଜନ ପରିଡ଼ା, ବଡ଼ବୋଉ ଲୋପାମୁଦ୍ରା ରାଉତ, ସାନ୍‌ଭିର ଭାଇ ଅଂଶୁମାନ ପରିଡ଼ା ଓ ମାମୁଁ ବିରଜା ଶଙ୍କର ପ୍ରଧାନଙ୍କ ଆର୍ଶିବାଦ ରହିଛି । ପିଲାଟି ଦିନରୁ ସମସ୍ତଙ୍କ ପ୍ରେରଣା ଓ ନୀତି ଆଦର୍ଶ ସହ ଦିଗଦର୍ଶନକୁ ଅନୁସରଣ କରେ ସାନ୍‌ଭି । ସାନ୍‌ଭି ସକାଳ ଓ ସଂଧ୍ୟାରେ ଠାକୁରଙ୍କ ଘରେ ଠାକୁରଙ୍କୁ ପ୍ରାର୍ଥନା କରିବା ସହ ଗୁରୁଜନ ମାନଙ୍କ କଥାବାର୍ତ୍ତା ଓ ଟିଭି ଦେଖି ବିଭିନ୍ନ ଭାଷା ଓ ସାଧାରଣ ଜ୍ଞାନ କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରୁଛି । ସାନ୍‌ଭି ବହୁତ ଠାକୁର ଭକ୍ତ । ଏବେ ସାନ୍‌ଭି ସମସ୍ତଙ୍କର ଠାରୁ ଆର୍ଶିବାଦ ଓ ପ୍ରଶଂସା ପାଉଛି । ସାନ୍‌ଭିର ଈଶ୍ୱରଦତ୍ତ ପ୍ରତିଭାକୁ ଦେଖି ଗୋପୀନାଥପୁର, ଗଣେଶ୍ୱରପୁର, ପୁରୀ ସମେତ ଆଖପାଖ ଅଂଚଳରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ସର୍ଟ ସର୍କିଟରେ ଜଳିଗଲା ଦୋକାନ : ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ

ଚମ୍ପୁଆ, ୨୩/୪ (ନି.ପ୍ର): ଅତ୍ୟଧିକ ଗରମ ଯୋଗୁଁ ସର୍ଟସର୍କିଟ ଘଟି ଏକ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇ ଯାଇଥିବା ଜଣା ପଡିଛି। ଖବର ଅନୁସାରେ, ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ନିଶାଗଡ଼ିଆ ଗ୍ରାମର ବସନ୍ତ କୁମାର ନାଏକ ଦିନ ଦ୍ୱିପ୍ରହରରେ ଦୋକାନ ବନ୍ଦ କରି ନିଜ ବସାରେ ଖାଇ ପିଇ ବିଶ୍ରାମ କରୁଥିବା ସମୟରେ ଜଣେ ଗ୍ରାହକ ଜିନିଷ ପାଇଁ ଦୋକାନକୁ ଆସିଥିବା ବେଳେ ଦୋକାନରେ ପୋଡା ବାସ୍ନା ହେଉଥିବା ଜାଣି ଦୋକାନୀଙ୍କ ଅପାକୁ ଏକଥା ଜଣେଇଥିଲେ। ଖବର ପାଇ ବସନ୍ତ ବ୍ୟସ୍ତବିବ୍ରତ ହୋଇ ଦୋକାନ ଖୋଲି ଥିଲେ ମଧ ସେତେବେଳକୁ ନିଆଁ ଲାଗି ଦୋକାନରେ ଅଧିକାଂଶ ସାମଗ୍ରୀ ଜଳି ନଷ୍ଟ ହୋଇ ଯାଇଥିଲା। ତେବେ ଦୋକାନ ଗୃହରେ ଅତ୍ୟଧିକ ଗରମ ଯୋଗୁଁ ସର୍ଟସର୍କିଟ ଘଟି ନିଆଁ ଲାଗି ଯାଇଥିବା ଜଣା ପଡିଛି। ନିଆଁ ଲାଗିବା ଫଳରେ ଦୋକାନରେ ଥିବା ଜେରକ୍ସ ମେସିନ, ମୋବାଇଲ, ଚାର୍ଜର, ଫିଂଙ୍ଗର ପ୍ରିଂଟ, ଫ୍ୟାନ, କମ୍ପ୍ୟୁଟର ସମେତ ବହୁ ଜିନିଷ ପୋଡି ନଷ୍ଟ ହୋଇ ଯାଇଛି। ପୋଡି ଯାଇଥିବା ଜିନିଷ ଗୁଡିକର ମୂଲ୍ୟ ଅନୁମାନିକ ଏକ ଲକ୍ଷ ରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି। ଦୋକାନୀ ବସନ୍ତ କୁମାର ନାଏକ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ସେ ବିଭିନ୍ନ ଜାଗାରୁ ଲୋନ କରିବା ସହିତ ବିଭିନ୍ନ ସ୍ଥାନରୁ ଧାର କରଜ କରି ଦୋକାନ କରିଥିଲେ ଏବଂ ଉକ୍ତ ଦୋକାନ ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରୁଥିବାରୁ ତାଙ୍କୁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# ପୋଷ୍ଟାଲ ବାଲାଟ ମାଧ୍ୟମରେ ମତାଦାନ କରିପାରିବେ ପ୍ରାଧିକୃତ ସାମ୍ବାଦିକ

ଖୋର୍ଦ୍ଧା, ୨୩/୪ (ନି.ପ୍ର): ଭାରତ ନିର୍ବାଚନ କମିଶନ ପ୍ରାଧିକୃତ ସାମ୍ବାଦିକମାନଙ୍କୁ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିବାର ଅଧିକାର ପ୍ରଦାନ କରିଛନ୍ତି । ଏହାଦ୍ୱାରା ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ପ୍ରାଧିକୃତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରୁ ଦୂରରେ ରହି କର୍ତବ୍ୟ ସଂପାଦନ କରିବା ସହିତ ସାଧାରଣ ନିର୍ବାଚନରେ ମତଦାନ ମଧ କରିପାରିବେ । ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣମାଧମର ଅଗ୍ରଣୀ ଭୂମିକା ରହିଆସିଛି । ନିର୍ବାଚନ ସମୟରେ ଅନେକ ପ୍ରାଧିକୃତ ସାମ୍ବାଦିକଙ୍କୁ ନିଜ ନିଜର ନିର୍ବାଚନ ମଣ୍ଡଳୀଠୁ ଦୂରରେ ରହି କାର୍ଯ୍ୟ ସଂପାଦନ କରିବାକୁ ପଡ଼ିଥାଏ । ତେଣୁ ସେମାନେ ନିଜ ନିର୍ବାଚନ ମଣ୍ଡଳୀରେ ମତଦାନ କରିପାରୁ ନଥିଲେ । ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଧିକୃତ ସାମ୍ବାଦିକ ଓ ଗଣତନ୍ତ୍ରର ବୃହତର ହିତରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି। ସାଧାରଣ ନିର୍ବାଚନ-୨୦୨୪କୁ ଅଧିକରୁ ଅଧିକ ଅଂଶଗ୍ରହଣକାରୀ କରିବା ନିର୍ବାଚନ କମିଶନ ପ୍ରାଧିକୃତ ସାମ୍ବାଦିକମାନଙ୍କୁ 'ଜରୁରୀ ସେବା ଯୋଗୁଁ ଅନୁପସ୍ଥିତ ଭୋଟର ତାଲିକାରେ ସାମିଲ କରିଛନ୍ତି । ଏହା ଦ୍ୱାରା ପ୍ରାଧିକୃତ ସାମ୍ବାଦିକମାନେ 'ରିପ୍ରେଜେଂଟେସନ୍ ଅଫ୍ ପିପୁଲ ଆକ୍ଟ-୧୯୫୧''ର ଧାରା ୬୦ (ଗ) ଅଧିନରେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ କରିପାରିବେ । ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରାଧିକୃତ କାର୍ଯ୍ୟରତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କଠାରେ ଆବେଦନ କରିବେ । ଉକ୍ତ ରିଟର୍ଣ୍ଣ ଅଫିସର ଆବେଦନ କରିଥିବା ପ୍ରାଧିକୃତ ସାମ୍ବାଦିକଙ୍କର ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ପ୍ରାଧିକୃତ ପତ୍ର ଯାଂଚ୍ କଲାପରେ ନିଜେ କିମ୍ବା ଜଣେ ନୋଡାଲ ଅଧିକାରୀଙ୍କ ମାଧ୍ୟମରେ ଅବେଦନକାରୀଙ୍କୁ ୧୨(ଡି) ଦସ୍ତଖତ କରାଇବେ । ପରେ ଉକ୍ତ ପ୍ରାଧିକୃତ ସାମ୍ବାଦିକ ଯଥା ସମୟରେ ନିଜ ପୋଷ୍ଟାଲ ବାଲାଟ୍ ପାଇପାରିବେ ଏବଂ ରିଟର୍ଣ୍ଣ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ସମୟସୀମା ମଧ୍ୟରେ ପୋଷ୍ଟାଲ ଭୋଟିଂ ସେଂଟରରେ ମତଦାନ କରିବେ ।ଓଡ଼ିଶାରେ ମଧ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ପ୍ରାଧିକୃତ ସାମ୍ବାଦିକମାନଙ୍କ ମତଦାନ ପାଇଁ ଉଚିତ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, କୌଣସି ମତଦାତା ଯେପରି ବାଦ୍ ନପଡ଼ିବେ ଏହି ଲକ୍ଷ୍ୟ ନେଇ ରାଜ୍ୟରେ ନିର୍ବାଚନ ପରିଚାଳନା ହେଉଛି । ସୂଚନା ଯୋଗ୍ୟ ଯେ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସହମତି କ୍ରମେ ଭାରତ ନିର୍ବାଚନ କମିଶନଙ୍କୁ ଏହି ପ୍ରସ୍ତାବ ପଠାଇଥିଲେ, ଯାହା ବର୍ତମାନ କାର୍ଯ୍ୟକାରୀ ହୋଇଛି। ଫଳରେ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ପ୍ରାଧିକୃତ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି।

# ସୂଚନା ଫଳକରେ ସୀମିତ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ପୁନଃରୁଦ୍ଧାର କାର୍ଯ୍ୟ : ଚିନ୍ତାରେ ଚାଷୀ

ଚମ୍ପୁଆ, ୨୩/୪ (ନି.ପ୍ର): ଚାଷ ଓ ଚାଷୀର ଉର୍ନ୍ନତି ପାଇଁ ଲକ୍ଷ ଲକ୍ଷ ଯୋଜନା। ଯୋଜନା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ର ଅନୁଦାନ। ମାତ୍ର ବାସ୍ତବ ପକ୍ଷେ ଚାଷୀର ଉର୍ନ୍ନତି ହେଉଛି ନା ଚାଷର ଉର୍ନ୍ନତି ହେଉଛି। କେବଳ ବିଜ୍ଞାପନ ଓ ଭାଷଣରେ ଚାଷୀର ଉନ୍ନତି କରାଯାଉ ଥିବା ବେଳେ ଏ ଭଳି ଏକ ବିକଳ ଚିତ୍ର ଚମ୍ପୁଆ ବ୍ଲକ କୁଟାରୀପଶି ପଞ୍ଚାୟତର ପୁରସ୍ତମପୁର କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରୁ ଆସିଛି। ଚମ୍ପୁଆ ବ୍ଲକର କୁଟାରିପସୀ ପଞ୍ଚାୟତ ଅନ୍ତର୍ଗତ ପୁରସ୍ତମପୁର ଠାରେ କ୍ଷୁଦ୍ର ଜଳ ସେଚନ ବିଭାଗର ଏକ ପ୍ରକଳ୍ପ ରହିଥିବା ବେଳେ ଏହି ପ୍ରକଳ୍ପ ପଞ୍ଚାୟତର ସମସ୍ତ ଗ୍ରାମର ଚାଷୀଙ୍କ ପାଇଁ ଭାଗ୍ୟ ବିଧାତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଟାଙ୍ଗରିଆ ହୁଡି ଅଞ୍ଚଳ ଭାବେ ପରିଚିତ ଏହି ପଞ୍ଚାୟତର ଚାଷ କାର୍ଯ୍ୟ ପାଇଁ ଏହି ପ୍ରକଳ୍ପ ଏକ ମାତ୍ର ଭରଷା। ବର୍ଷା ଦିନେ ପ୍ରକଳ୍ପରେ ପାଣି ଭର୍ତ୍ତି ହେଲେ ପଞ୍ଚାୟତର ପାଞ୍ଚ ଗ୍ରାମର ଚାଷୀ ସୁରୁଖୁରୁରେ ଚାଷ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଚମ୍ପୁଆ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିନରେ ଥିବା ଏହି ପ୍ରକଳ୍ପ ଦୀର୍ଘ ବର୍ଷ ହେବ ପୁନଃରୁଦ୍ଧାର କରାଯାଇ ନ ଥିବାରୁ ଏହାର ଜଳ ଧାରଣ କ୍ଷମତା ସଂକୁଚିତ ହୋଇ ସାରିଛି। ତେବେ ଚଳିତ ବର୍ଷ ଏହାର ପୁନଃରୁଦ୍ଧାର ତଥା ଉର୍ନ୍ନତି କରଣ ପାଇଁ ୨୫ଲକ୍ଷ ୩୮ହଜାର ୧୩୯ଟଙ୍କା ଅନୁଦାନ ଯୋଗାଇ ଦିଆ ଯାଇଛି। ଏହି କାର୍ଯ୍ୟ ପ୍ରଭାତ କୁମାର ସା ନାମକ ଜନୈକ ଠିକାଦାର ଠିକା କାର୍ଯ୍ୟ ପାଇଥିବା ବେଳେ ଏହାର ୦୭/୦୩/୨୪ରୁ ଠିକା କାର୍ଯ୍ୟ ଆରମ୍ଭ କରାଯାଇ ୦୬/୦୯/୨୪ରେ କାର୍ଯ୍ୟ ଶେଷ ହେବା କଥା ମାତ୍ର ଇତି ମଧ୍ୟରେ ଦୁଇ ମାସ ବିତିବାକୁ ବସିଥିବାବେଳେ ଏ ଯାଏ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ଠିକାଦାର କେବଳ ବନ୍ଧ ମୁଣ୍ଡରେ ସୂଚନା ଫଳକ ମାରି ଛୁ ମାରିଛି। ଆଗକୁ ବର୍ଷା ଦିନ ଆସିବା ପରେ ଆଉ ବନ୍ଧ କାମ ହୋଇ ପାରିବ ନାହିଁ। ଏ ପରିସ୍ଥିତିରେ ଚଳିତ ଖରିଫ ଋତୁରେ ଚାଷୀ ବନ୍ଧରୁ ପାଣି ପାଇବା ଆଶା ହରାଇ ସାରିଛନ୍ତି । ପ୍ରଥମତଃ ବନ୍ଧରେ ପାଣି ରହିବ ନାହିଁ, ଦ୍ୱିତୀୟ ରେ କେନାଲ ଗୁଡିକ ମଧ ଦୀର୍ଘ ଦିନରୁ ମରାମତି ହୋଇ ନ ଥିବାରୁ ଚିନ୍ତାରେ ରହିଛନ୍ତି ଚାଷୀ। ଏନେଇ ବିଭାଗୀୟ ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କୁ ଯୋଗାଯୋଗ କରିବାରୁ ଠିକାଦାର ଙ୍କୁ ଶୀଘ୍ର କାମ କରିବା ନେଇ ଚିଠି କରାଯାଇଛି। କାର୍ଯ୍ୟରେ ଅବହେଳା ହେଲେ ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଫେଇ ଦେଇଥିବା ବେଳେ ଠିକାଦାର ପ୍ରଭାତ କୁମାର ସା ଙ୍କୁ ପଚାରିବାରୁ ଦେହ ଖରାପ ଥିଲା ତେଣୁ କାର୍ଯ୍ୟରେ ବିଳମ୍ବ ଘଟିଛି ଖୁବ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି। ତେବେ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ପଞ୍ଚାୟତର ଚାଷୀ ମହଲରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ଚୋରା ଦେଶୀମଦ ଜବତ

କେନ୍ଦ୍ରାପଡ଼ା, ୨୩/୪ (ନି.ପ୍ର): କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ଦେଶିମଦ ଜବତ ହୋଇଥିବା ସୂଚନା ମିଳିଛି। ଏକ ବିଶେଷ ସୁତ୍ରରୁ ଖବର ପାଇ କେନ୍ଦ୍ରାପଡା ଅବକାରୀ ବିଭାଗ ଜିଲ୍ଲାର ମହାକାଳପଡାସ୍ଥିତ ସରକାରୀ ଠିପିବନ୍ଧ ମଦ ଦୋକାନ ପାଖ ଏକ ହୋଟେଲ ନିକଟରେ ଥରବା ଏକ ଘରୁ ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ସେହିସବୁ ଦେଶୀମଦ କାଟୁନକୁ ଏକ ୪୦୭ ମିନି ଟ୍ରକ୍‌ରେ ବୋଝେଇ କରି କେନ୍ଦ୍ରାପଡା ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ପ୍ରାୟ ୧୫୦ପେଟି ଚୋରାଦେଶୀମଦ ଅବକାରୀ ବିଭାଗ ଜବତ କରିଥିବା ଜଣାପଡିଛି। ଏଥିସହିତ ଦୁଇଜଣ ଖୁଚୁରା ଦେଶୀମଦ ଚୋରାବେପାରୀଙ୍କୁ ମଧ ଅବକାରୀ ବିଭାଗ ଗିରଫ କରି କେନ୍ଦ୍ରାପଡାକୁ ଆଣିଛନ୍ତି। ମଦ ଜବତ ସମୟରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସିଭିଲ ଡ୍ରେସରେ ଥିବା ଦେଖିବାକୁ ମିଳିଥିଲା। ସବୁଠୁ ଆଶ୍ଚର୍ଯ୍ୟ ଜନକ ବିଷୟ ହେଉଛି ଜବତ ବେଳେ ମହାକାଳପଡାରେ ଉପସ୍ଥିତ ପୁରୁଷ ଓ ମହିଳା ଅଧିକାରୀ ଚୋରା ଦେଶୀମଦ ଜବତ ସମ୍ପର୍କରେ କେନ୍ଦ୍ରାପଡାରେ ସୂଚନା ଦିଆଯିବ ବୋଲି ସାମ୍ବାଦିକମାନଙ୍କୁ କହିଥିବା ବେଳେ କେନ୍ଦ୍ରାପଡାରେ ପହଂଚିବା ପରେ ଚୋରାଦେଶୀମଦ ଜବତ ସମ୍ପର୍କରେ କୌଣସି ସୂଚନା ଦେବାକୁ ମନାକରିଦେଇଥିଲେ। ନିକଟରେ କେନ୍ଦ୍ରାପଡାର ପୂର୍ବତନ ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କୁ ଲା ମାଗିବା ଘଟଣାରେ ନିଲମ୍ବିତ କରାଯାଇଥିବା ବେଳେ ଏବେ ଅବକାରୀ ବିଭାଗର ଅଧସ୍ତନ ଅଧିକାରୀଙ୍କ ଚୋରା ମଦ ଜବତ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ନଦେବା ଘଟଣା ସାଧାରଣରେ ଅବକାରୀ ବିଭାଗର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରିଛି।

# ନିର୍ମାଣର ତିନି ବର୍ଷ ବିତିଲାଣି: ଖୋଲିଲାନି ଓଉପଦା ଅଙ୍ଗନବାଡି କେନ୍ଦ୍ର

କୋରେଇ, ୨୩/୪ (ନି.ପ୍ର): କୋରେଇ ବ୍ଲକ ପଥରପଦା ପଂଚାୟତ ଅନ୍ତର୍ଗତ ଓଉପଦା ଗ୍ରାମରେ ଏକ ଅଙ୍ଗନବାଡି ଗୃହ ନିର୍ମାଣ ହୋଇଛି । ଯାହାକି ଆଜକୁ ତିନି ବର୍ଷ ହେବ ସମ୍ପୂର୍ଣ୍ଣ ନିର୍ମାଣ ହୋଇ ସାରିଛି । ହେଲେ ସେଠାରେ ନଳକୂପ କରାଯାଇନାହିଁ । ଏମିତିକି ତା'ର ତିନି ପାର୍ଶ୍ୱ ଖାଲ ଭରି ରହିଛି । ବର୍ଷା ଦିନେ ତିନି ପାର୍ଶ୍ୱ ପାଣିରେ ବୁଡି ରହୁଛି । ଯାହା ଫଳରେ ସେଠାରେ ଅଙ୍ଗନବାଡି କେନ୍ଦ୍ର ଚଲାଇବା ସମ୍ଭବ ନୁହେଁ । ଏଥି ପାଇଁ ସିଡିପିଓ ମଧ ଅନୁମତି ପ୍ରଦାନ କରୁନାହାନ୍ତି । ଗୋଟିଏ ପଟେ ପାରିପାର୍ଶ୍ୱିକ କାମ ହେଉନି ଅପରପକ୍ଷେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଉନି । ଫଳରେ ଲକ୍ଷ ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ଗୃହ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିଛି । ସମ୍ମୁଖ ଭାଗ ରାସ୍ତା ପର୍ଯ୍ୟନ୍ତ ପୋତାଯାଇଥିବା ବେଳେ ତାହା ଅମରି ବଣ ପାଲଟିଲାଣି । ସରକାରୀ ମାଲ ଦରିଆମେ ଡାଲ ନୀତିରେ ଆବଶ୍ୟକତା ଥିବା କାମ ହେଉନଥିବାରୁ କେନ୍ଦ୍ର ଖୋଲିବା ସମ୍ଭବ ହେଉନି । ଫଳରେ ଛୋଟ ପିଲାମାନଙ୍କୁ ଗାଁ ଛାଡି ନୂଆପଦା ସ୍କୁଲରେ ଥବା ଅଙ୍ଗନବାଡି କେନ୍ଦ୍ରକୁ ଯିବାକୁ ପଡୁଛି । ଏ ଦିଗରେ ତ୍ୱରୀତ ପଦକ୍ଷେପ ନେଇ ପାରିପାର୍ଶ୍ୱିକ ଉନ୍ନତି କରି ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ମିଷ୍ଟର ଓ ମିସ୍ ଅବିଭକ୍ତ କୋରାପୁଟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ

ମାଲକାନଗିରି, ୨୩/୪ (ନି.ପ୍ର): ମାଲକାନଗିରି ସଂସ୍କୃତି ଭବନ ପରିସରରେ କେରୀସ ଏଂଟରଟେନ୍‌ମେଂଟ ଓ ଓଡ଼ିଶା ଫ୍ୟାସନ ଭିଲ୍ଲା ପକ୍ଷରୁ ମିଷ୍ଟର ଓ ମିସ ଅବିଭକ୍ତ କୋରାପୁଟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଂଚଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୮ ରୁ ୩୫ ବର୍ଷ ଉଭୟ ପୁରୁଷ ଓ ମହିଳା,୧୭ ରୁ ୨୫ ବର୍ଷ ପାଇଁ, ୧୪ରୁ ୧୬ ବର୍ଷ ପାଇଁ ତଥା ୧୦ରୁ ୧୩ ବର୍ଷ ଭିତରେ ଓ ୩ ରୁ ୯ ବର୍ଷ ଭିତରେ ଗ୍ରୁପ ରହିଛି ବୋଲି କେରିସ ଗ୍ରୁପ ର ନିର୍ଦ୍ଦେଶିକା ସୁମନ ଖିଲୋ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୁରୀ ଭାବେ ନକୁଳ ନାଗ, ଆଦର୍ଶ ମାଝୀ, ଅରୁଣିମା ଗୌଡ଼ ଯୋଗ ଦେଇଥିଲେ । ମାଲକାନଗିରି ପାଇଁ ମୁଖ୍ୟ ପ୍ରଯୋଜକ ଭାବରେ ଗୋ କ୍ୟାମ୍ପଫାଇର ଚନ୍ଦନ ଚୌଧୁରୀ ଓ ଡେଭିଲ୍ସ ଟାଟୁ ର ଦୀପକ ଖୋସଲା ସହଯୋଗ କରିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ନୂଆ ପ୍ରତିଭାକୁ ବଡ଼ ମଞ୍ଚରେ ସ୍ଥାନ ଦେବା ସହ କୋରାପୁଟର ଅଲଙ୍କାର, କଳା ସଂସ୍କୃତିକୁ ପୁନର୍ବାର ଦୁନିଆ ସାମନାରେ ଭିନ୍ନ ରୂପରେ ଉପସ୍ଥାପନା କରିବା ସହିତ ସ୍ଥାନୀୟ ଯୁବକ ଯୁବତୀ ମାନେ କିପରି ଉପକୃତ ହୋଇ ପାରିବେ ସେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସୁମନ ଏହା ସହିତ ଗଦବା ଜନଜାତିର ପାରମ୍ପରିକ ବସ୍ତ୍ର କେରଙ୍ଗ ର ପୁନଃଉଧାର ପାଇଁ ବସୁନ୍ଧରା ଇନଫୋରମେସନ ମିଡିଆ ସହିତ ମିଳିତ ଭାବରେ କାମ କରୁଛନ୍ତି।କେରିଜ ରୁ ପିଲାମାନେ ବିଭିନ୍ନ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ସମ୍ମାନିତ ମଧ ହେଇଛନ୍ତି। ମାଲକାନଗିରି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରବଳ ସଂଖ୍ୟାରେ ପ୍ରତିଯୋଗୀ ଆସିଥିଲେ । କାର୍ଯକ୍ରମକୁ ନିବେଦିତା ମିଶ୍ର ପରିଚାଳନା କରିଥିଲେ। ଫଟୋଗ୍ରାଫି ଓ ଭିଡ଼ିଓରେ ଏମ ଆର ଯେ ଫଟୋଗ୍ରାଫି ଟିମ୍, ସ୍ଥାନୀୟ ସଂଯୋଜକ ଭାବରେ ସୁମନ୍ ବୈରାଗୀ, ସହଯୋଗ କରିଥିଲେ ।

# ନାଳବନ୍ଧ ରାସ୍ତାରୁ ଗଛ କାଟିବା ଓ ମାଟି ତାଡିବାକୁ ନେଇ ଉତ୍ତେଜନା, କାମ ବନ୍ଦ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୨୩/୪ (ନି.ପ୍ର): କେନ୍ଦ୍ରାପଡା ସହରର ଶ୍ୟାମସୁନ୍ଦରପୁର ଗଡା ଠାରୁ ଛଘରିଆ ନୂଆ ମେଡିକାଲ ପର୍ଯ୍ୟନ୍ତ ପ୍ରାୟ ୬ କିମି ୫ନଂ ଏ କେନାଲ ବନ୍ଧ ରାସ୍ତା ନିର୍ମାଣାଧୀନ ରହିଛି । ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ନାଳବନ୍ଧ ରାସ୍ତା ତିଆରି ଚାଲିଥିବା ବେଳେ ଠିକାଦାର ର ମନମୁଖୀ କାର୍ଯ୍ୟପାଇଁ ଉତେଜନା ପ୍ରକାଶ ପାଇଛି । ଚୁକ୍ତିନାମା ମୁତାବକ ନବୀକରଣ ହୋଇଥିବା ବାମପଟ ନାଳବନ୍ଧ ରାସ୍ତା କଡରେ ବାହାରୁ ମାଟି ଆଣି ପକାଇବାକୁ ନିର୍ଦ୍ଦେଶ ଥିବାବେଳେ ଠିକାଦାର ଜଣକ ଚତୁରତାର ସହ ରାତି ଅଧରେ ଜେସିବି ଲଗାଇ ବନ୍ଧ କଡରୁ ମାଟି ତାଡି ବନ୍ଧ କଡରେ ପକାଉ ଥିବାରୁ ଗ୍ରାମବାସୀ ମାନେ ଏହାର ତୀବ୍ର ବିରୋଧ କରିଛନ୍ତି । ଏଥି ସହିତ ମୂଲ୍ୟବାନ ଗଛ ଗୁଡିକୁ ତାଡି ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି । ଖବର ପାଇ ବନ ବିଭାଗ ରେଞ୍ଜର ଆରକେ ସାମନ୍ତରାୟ ଙ୍କ ନିର୍ଦ୍ଦେଶରେ ସ୍କ୍ୱାର୍ଡ ସଦସ୍ୟ ମୋନାଲିସା ସାହୁ ଓ ଲକ୍ଷ୍ମୀକାନ୍ତ ଲେଙ୍କା ଘଟଣା ସ୍ଥଳରେ ପହଁଚି କାମ ବନ୍ଦ କରାବା ସହ ଗଛ କାଟିବା ବାବଦରେ କୈଫତ ତଲବ କରିଥିଲେ । ଗୋପ, ଅଯୋଧ୍ୟାନଗର, ଚକଡା ଅଂଚଳର ଗ୍ରାମବାସୀମାନେ କାମ ବନ୍ଦ କରାଇବା ସହ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ଜଣାଇ ଠିକାଦାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଜିଲ୍ଲା ଟେକ୍ସ ଓକିଲ ସଂଘ ତରଫରୁ ସାଇରାଜ ମିଶ୍ରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨୩/୪ (ନି.ପ୍ର): ବାଣିଜ୍ୟକର ସ୍ଥିତ ଜିଲ୍ଲା ଟେକ୍ସବାର ଓକିଲ ସଂଘ କାର୍ଯ୍ୟାଳୟ ଠାରେ ସଭାପତି ଶାନ୍ତନୁ କୁମାର ଭୋଇଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଅଛି। ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ବଲାଙ୍ଗୀର ମାଟିର ଗର୍ବ ଓ ଗୌରବ ସାଇରାଜ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉ କି ସାଇରାଜଙ୍କର ପିତା ସଞ୍ଜୟ ମିଶ୍ର ମଧ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଭଞ୍ଜନ ହୋତା ଶ୍ରୀ ମିଶ୍ରଙ୍କ ବିଷୟରେ ସମ୍ୟକ ସୁଚନା ପ୍ରଦାନ କଲେ। ଉଭୟ ଶ୍ରୀ ମିଶ୍ର ବାପା ଓ ପୁଅ ତାଙ୍କର ସଫଳତାର ବିଭିନ୍ନ ସୋପାନ ବିଷୟରେ ବିସ୍ତୃତ ଭାବରେ ବକ୍ତବ୍ୟ ରଖିଥିଲେ। ପରିଶ୍ରମ, ଏକାଗ୍ରତା, ସଂସ୍କାର, ଗୁରୁଜନମାନଙ୍କର ଦିଗ ଦର୍ଶନ ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ।

# କଳାହାଣ୍ଡି ଜିଲ୍ଲାରେ ୨୦୨୪ନିର୍ବାଚନ ପାଇଁ ଏମ.ପି ଓ ବିଧାୟକପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଭବାନୀପାଟଣା , ୨୩/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଏମ. ପି. ଓ ବିଧାୟକ ପ୍ରାର୍ଥୀ ମାନଙ୍କ ନାମାଙ୍କନ ଦାଖଲ କରାଯାଇଛି । ଆଜି ଏମ ପି ପ୍ରାର୍ଥୀ ବି ଜେ ଡି ଦଳ ରୁ ଲମ୍ବୋଦର ନିଆଲ, ବିଜେପି ଦଳ ରୁ ମାଲବିକା ଦେବୀ, ସ୍ୱାଧୀନ ଭାବରେ ଧର୍ମେନ୍ଦ୍ର ଗହୀର, ଓ ବହୁଜନ ସମାଜ ପାର୍ଟି ରୁ ରାଜାରାମ ସାହୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀ ଭାବରେ ବି ଜେ ଡି ଦଳ ରୁ ଶ୍ରୀମତୀ ଲଳିତା ନାଏକ, ବି ଜେ ପି ଦଳ ରୁ ପ୍ରଦୀପ୍ତ କୁମାର ନାଏକ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ବିଜେଡି ଦଳ ରୁ କଳାହାଣ୍ଡି ଇଷ୍ଟ ଦେବୀ ମା ମାଣିକେଶ୍ୱରୀ ଙ୍କୁ ପୂଜାର୍ଚନା କରି ବିରାଟ ପଟୁଆରରେ ଉପ ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟକୁ ପହଂଚି ଥିଲେ । ସେହି ଭଳି ପ୍ରାର୍ଥୀ ମାନେ ନିଜ ନିଜ ସମର୍ଥକଙ୍କ ଗହଣରେ ଆସିଥିଲେ । ସେହି ଭଳି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ରେ ବି ଜେ ଡି ଦଳ ର ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜୁନାଗଡ଼ ନିର୍ବାଚନ ମଣ୍ଡଳୀରୁ ତୁଳେଶ୍ୱର ନାଏକ କଂଗ୍ରେସ ଦଳ, ବହୁ ଜନ ମୁକ୍ତି ମୋର୍ଚ୍ଚା ଦଳରୁ ସୁଧାନିଧି ନାଏକ, ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ରୁ ବିଜେ ଡିଦଳ ରୁ ପ୍ରଦୀପ କୁମାର ଦିଶାରୀ ବି ଏସ ପି. ଦଳରୁ ମୋହନ ସିଂ ମାଝୀ ଏବଂ ନର୍ଲା ନିର୍ବାଚନ ମଣ୍ଡଳୀ ରୁ ବି ଜେ ପି ଦଳରୁ ଅନିରୁଦ୍ଧ ପ୍ରଧାନ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ, କଳାହାଣ୍ଡି ରାଜ ନୀତି ରାଣାଙ୍ଗନ ରେ ପ୍ରତିଦ୍ୱନ୍ଦୀ ମାନଙ୍କ ରଣ କୌଶଳ ପ୍ରସ୍ତୁତ ହେବାରେ ଲାଗିଛି ।

# ମାନସିକ ଚାପଗ୍ରସ୍ତ ଓ ଅସୁସ୍ଥତାରୁ କିପରି ମୁକ୍ତ ରହିବେ ଓ ମାନସିକ ବିକାରଗ୍ରସ୍ତ ବିଷୟ ଉପରେ କର୍ମଶାଳା




ଭଦ୍ରକ, ୨୩/୪ (ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ କାରାଗାର ପରିସରରେ ଆଇନସେବା ପ୍ରାଧିକରଣ ଭଦ୍ରକ ଜିଲ୍ଲା ପକ୍ଷରୁ ଏକ କର୍ମଶାଳା ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି କର୍ମଶାଳା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ । କାରାଗାରର ଅନ୍ତେବାସୀ ପ୍ରାୟତଃ ୨୮୫ଜଣ ଉକ୍ତ କର୍ମଶାଳାରେ ଭାଗ ନେଇ ମାନସିକ ଚାପଗ୍ରସ୍ତ, ଅସୁସ୍ଥତା, ଚିଡ଼ିଚିଡ଼ାପଣ ଠାରୁ କିପରି ଦୂରେଇ ରହିବେ ତଥା ନିୟମିତ ବ୍ୟାୟାମ, ଯୋଗ ଇତ୍ୟାଦି ଉପରେ ବିଶେଷ ଭାବରେ ଆଲୋପାତ କରାଇଥିଲେ । ଉକ୍ତ କର୍ମଶାଳାରେ ବିଶେଷ କରି ଜିଲ୍ଲା ମନୋବୈଜ୍ଞାନିକ ଚିକିତ୍ସକ ଡ଼ା ଭାରତୀ ରାଉତ, ଲୋନିଲିୟୋନା ବେହେରା, ନିଦାନିକ ମନବୈଜ୍ଞାନିକ ଗୌରୀ ପ୍ରଭାସିଂ, ମନସ୍ତାତିକ ସାମାଜିକ କର୍ମକର୍ତ୍ତା ଦେବେନ୍ଦ୍ର କୁମାର ନାୟକ, ଗୋଷ୍ଠୀ ସେବକ, ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ଫାର୍ମାସିଷ୍ଟମାନେ କର୍ମଶାଳା ମାଧ୍ୟମରେ ଖୁବ୍ ଉପଯୋଗୀ ତଥ୍ୟ ଆଦାନ ପ୍ରଦାନ କରିଥିଲେ ଓ କାରାଗାର ମଧ୍ୟରେ ରହି ନିୟମିତ ଭାବରେ ଯୋଗ, ବ୍ୟାୟାମ, ମିଳାମିଶା, ବାକ୍ୟ ବିନିମୟ ଓ ଚାପଗ୍ରସ୍ତ, ମାନସିକ ଅସୁସ୍ଥତା ରୁ କିପରି ମୁକ୍ତ ରହିପାରିବେ ତାହା ସୁନ୍ଦର ଅଭିନୟ ମାଧ୍ୟମରେ ସମସ୍ତ ଅନ୍ତେବାସୀମାନଙ୍କ ହୃଦୟକୁ ଛୁଇଁ ପାରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାରାଗାରର ଅଧିକ୍ଷକ ଋଷିନାତ ନାୟକ, ନାରାୟଣ ବେହେରା ମୁଖ ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି ସହକାରୀ ପ୍ରତିପକ୍ଷ ଅଧିବକ୍ତା, କାରାଗାରର ସମସ୍ତ କର୍ମଚାରୀବୃନ୍ଦ, ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମହିଳା ସଂଗଠନ ପକ୍ଷରୁ ଆଇଏଏସରେ କୃତକାର୍ଯ୍ୟ ହୋଇଥିବା ସୌରଭ ଦାସଙ୍କ ସମ୍ବର୍ଦ୍ଧନା



ବେତନଟୀ , ୨୩/୪ (ନି.ପ୍ର): ବେତନଟୀ ସୌରଭ ଦାସ ୪୬୬ ରାଙ୍କ ରଖି ଆଇଏଏସ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ରୁ ଆଜି ବେତନଟୀର ଏକ ଅଗ୍ରଣୀ ମହିଳା ସଂଗଠନ ପଦ୍ମାମାଳୀର ସଦସ୍ୟ ମାନେ ବେତନଟୀରେ ଥିବା ବାସଗୃହକୁ ଯାଇ ତାଙ୍କୁ ସମ୍ବର୍ଦ୍ଧନା କରିଛନ୍ତି। ଏହି ସମ୍ବର୍ଦ୍ଧନା ସମୟରେ ସୌରଭଙ୍କ ମା ବେତନଟୀ ମହା ବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ଜି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସୌରଭ ଦାସଙ୍କର ଆଗାମୀ ଭବିଷ୍ୟତ କାର୍ଯ୍ୟ ଅଧିକ ଭଲ ହେବ ଓ ଦେଶର ଜଣେ ଭଲ ପ୍ରଶାସନିକ ସେ୍ୱକ ଭାବରେ କାର୍ଯ୍ୟ କରି ବେତନଟୀ ଅଞ୍ଚଳ ତଥା ରାଜ୍ୟ ରେ ନାମ ରଖିବା ପାଇଁ ନିଜର ମତବ୍ୟକ୍ତ କରିଥିଲେ।

## ନିଶ୍ଚିତ ମତଦାନ ପାଇଁ ଅନୁରୋଧ

ପୁରୀ, ୨୩/୪ (ନି.ପ୍ର): ଗଣତନ୍ତ୍ରକୁ ସଶକ୍ତ କରିଥାଏ ମତଦାନ ।ମତଦାନ ପ୍ରତ୍ୟେକ ସାବାଳକର ଗଣତାନ୍ତ୍ରିକ ଅଧିକାର। ସେଥିପାଇଁ ନିର୍ବାଚନକୁ ଗଣତନ୍ତ୍ରର ମହାପର୍ବ ବୋଲି କୁହାଯାଏ। ତେଣୁ ପ୍ରତ୍ୟେକ ଭୋଟର ଆଗାମୀ ନିର୍ବାଚନରେ ନିଶ୍ଚିତ ମତଦାନ କରିବା ଉଚିତ। ସହରାଂଚଳରେ ମତଦାନ ହାରକୁ ବୃଦ୍ଧି ଲକ୍ଷ୍ୟରେ ଆଜି ପୂର୍ବାହ୍ନରେ ବିଶ୍ୱମ୍ଭର ବିଦ୍ୟାପୀଠ ଠାରେ ସୁଇପ ବା ସିଷ୍ଟୋମେଟିକ ଭୋଟରସ ଏଡୁକେସନ ଆଣ୍ଡ ଇଲେକ୍ଟରସ ପାର୍ଟିସିପେସନ ପ୍ରୋଗ୍ରାମ ଜରିଆରେ ଛାତ୍ର ଛାତ୍ରୀ ମାନଙ୍କ ମାଧ୍ୟମରେ ସେମାନଙ୍କ ପିତା ମାତା ଓ ଅଭିଭାବକ ମାନଙ୍କୁ ନିଶ୍ଚିତ ମତଦାନ ପାଇଁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନିଷା ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଶୁଭଶ୍ରୀ ଦାଶ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ମାନେ ଏହି ଅନୁରୋଧ ପତ୍ର ଲେଖିଥିଲେ ।ଉପରୋକ୍ତ ଅଧିକାରୀ ମାନେ ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରତିଟି ଭୋଟ ମୂଲ୍ୟବାନ ଏବଂ ପ୍ରତ୍ୟେକ ଭୋଟର ଆଗାମୀ ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଥିଲେ। ତେଣୁ ଛାତ୍ରଛାତ୍ରୀ ମାନେ ସେମାନଙ୍କ ପିତା ମାତା ଓ ଅଭିଭାବକ ମାନଙ୍କୁ ମତଦାନ ଦିନ ନିଜ ନିଜ ବୁଥରେ ନିଶ୍ଚୟ ମତଦାନ କରିବାର ଆବଶ୍ୟକତା ପାଇଁ ପ୍ରବର୍ତାଇବା ଉଚିତ୍।

ଏହି ଅବସରରେ ପିଲା ମାନେ ଗଣତନ୍ତ୍ରରେ ମତଦାନର ଆବଶ୍ୟକତାକୁ ଉପଲବ୍ଧି କରି ପିତା ମାତା ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଚିଠି ଲେଖି ମତଦାନ ପାଇଁ ଅନୁରୋଧ କରିଥିଲେ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: (1) 114-ELC-G- KGP-23-24-48R1, (2) 114-ELC-G-KGP- 23-24-45R2, 22.04.2024** ତାରିଖ (ଜି), ଦକ୍ଷିଣ ପୂର୍ବାଞ୍ଚଳ ରେଳ, ଖଡ଼ଗପୁର- ୭୨୧୩୦୧ ଏବଂ ଭାରତର ରାଷ୍ଟ୍ରପତିଙ୍କ ତରଫରୁ **୧୨.୦୦ ଘଣ୍ଟା ପୂର୍ବରୁ** ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଥାଏ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖରେ । **ସିରିଏଲ ନଂ, କାର୍ଯ୍ୟର ବର୍ଣ୍ଣନା:** (୧) (i) ୱାଟର ଟ୍ୟାଙ୍କ ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ (ii) ନଂ। ହ୍ୟାଣ୍ଡ ଟ୍ୟୁବ୍ କୂଅ (ii) ଡି.ଟି.ର ଯୋଗାଣ କୂଅର ଆକାର 300 mm x 200 mm 1 No. ସଞ୍ଚାର କ୍ଷେତ୍ରର (୩୦ x ୨୦ ମିଟର) । (viii) ଷ୍ଟେସନ ସୀମା ପ୍ରାଚୀର ନିର୍ମାଣ (୧୦୦୦ ମିଟର) (ix) ବାଙ୍ଗିପୋସିରେ ପମ୍ପ ହାଉସ୍ ନିର୍ମାଣ। (I) ୱାଟର ଟ୍ୟାଙ୍କ ଷ୍ଟେଜ୍ ନିର୍ମାଣ ପାଇଁ ବ କ୍ୱସମବକ୍ଷ ଦ୍ୟୁତିକ କାର୍ଯ୍ୟ (ii) ନଂ ହ୍ୟାଣ୍ଡ ଟ୍ୟୁବ୍ କୂଅ (ସସସ) ଡି.ଟି.ର କୂଅର ଆକାର 300 mm x 200 mm 1 No. ସୀମା ପ୍ରାଚୀର ନିର୍ମାଣ (viii) ଷ୍ଟେସନ ଆଭିମୁଖ୍ୟ ରୋଡ୍ (ix) ର ବିକାଶ ଭଞ୍ଜପୁରରେ ସର୍କୁଲାର୍ ଏରିଆର ବିକାଶ (୩୦ x ୨୦ ମିଟର) । **ଟେଣ୍ଡର ମୂଲ୍ୟ:** ପ୍ରତ୍ୟେକ ପାଇଁ ୨୨, ୫୬,୮୯୬.୪୭ **ବିଡ୍ ସୁରକ୍ଷା / ଇଏମଡି:** ପ୍ରତ୍ୟେକ ପାଇଁ ୪୫,୧୦୦ / - । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ ନିଲ୍ । **ସମାପ୍ତି ଅବଧି:** ଚିଠିର ଗ୍ରହଣ ତାରିଖ ଠାରୁ ପ୍ରତ୍ୟେକ ପାଇଁ ୬ ମାସ । ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ **ଦାଖଲ ତାରିଖ** : ପ୍ରତ୍ୟେକ ପାଇଁ ୧୫.୦୫.୨୦୨୪ ର । **ଖୋଲିବାର ତାରିଖ:** ପ୍ରତ୍ୟେକ ପାଇଁ ୧୫.୦୫.୨୦୨୪ । ଆଗ୍ରହୀ ଟେଣ୍ଡରକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନାଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ଣୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀ କର୍ମୀମାନେ ନିୟମିତ ଭାବରେ **"www.ireps. gov.in"** ପରିଦର୍ଶନ କରିପାରିବେ ।

**(PR-71)**


## ଝାରସୁଗୁଡ଼ା ଲାଇକେରା ଓ କିର୍ମିରାରେ ଜନସମାବେଶ ଏବଂ କର୍ମୀ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଲାଇକେରା/କିର୍ମିରା, ୨୩/୪ (ନି.ପ୍ର): ଆମ ରାଜ୍ୟ ଓଡ଼ିଆଙ୍କ ପ୍ରତି ଆତ୍ମୀୟତା ନ ଥିବା ଲୋକଙ୍କ ହାତରେ ପଡ଼ିଛି । ମହାନଦୀ କୂଳରେ ଥିବା ଜିଲ୍ଲା ଗୁଡିକରେ ମରୁଡି ହେଉଛି । ଏହା କଣ ୨୪ ବର୍ଷ ଶାସନର ରୂପାନ୍ତରଣ ବୋଲି ମଙ୍ଗଳବାର ଝାରସୁଗୁଡ଼ାର ଲାଇକେରା ଓ କିର୍ମିରାରେ ଆୟୋଜିତ ବିଜେପିର ମିଶ୍ରଣ ପର୍ବ, ଜନସମାବେଶ ଓ କର୍ମୀ ସମ୍ମିଳନୀରେ ଯୋଗଦେଇ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଅପାର ସମ୍ଭାବନାର ଅଞ୍ଚଳ ଝାରସୁଗୁଡା ଜିଲ୍ଲାର କୋଇଲାରୁ ଭାରତବର୍ଷର ଅନେକ ଅଞ୍ଚଳରେ ବିଜୁଳି ଜଳେ । ଝାରସୁଗୁଡାର ଶିଳ୍ପ, ଲୁହା, ଆଲୁମିନିୟମରେ ଦେଶର ଅର୍ଥନୀତି ମଜଭୁତ୍ ହେଉଛି । କିନ୍ତୁ ୨୪ ବର୍ଷ ଶାସନରେ ରହିବା ପରେ ବି ଝାରସୁଗୁଡ଼ାରେ ମୌଳିକ ବିକାଶ କରିପାରିନି । ଏଠାରେ ମହାନଦୀ ଓ ଇବ୍ ନଦୀ ପ୍ରବାହିତ ହୋଇଥିଲେ ସୁଦ୍ଧା ସ୍ଥାନୀୟ ଅଞ୍ଚଳର ମା’ ଓ ଭଉଣୀମାନେ ବିଶୁଦ୍ଧ ପାନୀୟ ଜଳ ପାଇପାରୁନାହାନ୍ତି । ରାଜ୍ୟରେ ଘରେ ଘରେ ପାଣି ଯୋଗାଇବା ପାଇଁ ମୋଦୀ ସରକାର ୧୦ ହଜାର କୋଟି ରାଜ୍ୟକୁ ଦେଇଛନ୍ତି । ଏଥିରୁ ସରକାର ମାତ୍ର ୮୦୦ କୋଟି ଖର୍ଚ୍ଚ କରିଛନ୍ତି । ମହାନଦୀ ଅବବାହିକାରେ ଥିବା ଜିଲ୍ଲା ଗୁଡ଼ିକରେ ବି ଜଳସେଚନର ସୁବିଧା ହୋଇପାରିଲା ନାହିଁ ।

ସ୍କୁଲରେ ଶିକ୍ଷକ ଓ ମେଡିକାଲରେ ଡାକ୍ତର ନାହାନ୍ତି । ଯୁବକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଶିଶୁ ଓ ମହିଳାଙ୍କ କୁପୋଷଣ ଓ ରକ୍ତହୀନତା ଚିନ୍ତାଜନକ ଅବସ୍ଥାରେ ଅଛି । ସ୍ପଷ୍ଟ ଦିବାଲୋକରେ ଜଣେ ମନ୍ତ୍ରୀଙ୍କୁ ଜଣେ ସରକାରୀ ପୋଲିସ କର୍ମଚାରୀ ଗୁଳି କରି ହତ୍ୟା କରୁଛି, ଏହାଠୁ ବଳି ବିଡ଼ମ୍ବନା ଆଉ କ’ଣ ଥାଇପାରେ । ଏହାକୁ ଭ୍ରଷ୍ଟ ଶାସନ କୁହାଯିବ ନାହିଁ ତ କଣ କୁହାଯିବ ? ଏହା କଣ ୨୪ ବର୍ଷ ଶାସନର ରୂପାନ୍ତରଣ କି ? ଓଡ଼ିଶାର ଏହି ଦୂରାବସ୍ଥାର ପରିବର୍ତ୍ତନ ପାଇଁ ଦୀର୍ଘ ୨୪ ବର୍ଷ ଭ୍ରଷ୍ଟ ଶାସନ ବିରୋଧରେ ଏକାଠି ହେବା । ବୀର ସୁରେନ୍ଦ୍ର ସାଏଙ୍କ ଦାୟଦ ଭାବେ ଓ କରୁଣାକର ସିଂହଙ୍କ ଆଦର୍ଶରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢେଇ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ କିର୍ମିରା ଓ ଲାଇକେରା ବ୍ଲକ ଆଇଟିଡିଏ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ରହିପାରିଛି । ପ୍ରାୟ ୬୫୦ କୋଟି ଟଙ୍କା ବ୍ୟୟବରାଦରେ ଝାରସୁଗୁଡ଼ାରେ ୪୦ ହଜାର ପିଏମ୍ ଆବାସ ଦିଆଯାଇଛି । ସ୍ୱଚ୍ଛ ଭାରତ ଯୋଜନାରେ ୮୭ ହଜାର ଶୌଚାଳୟ ନିର୍ମାଣ, ଉଜ୍ଜ୍ୱଳା ଯୋଜନାରେ ୧ ଲକ୍ଷ ଘରେ ଗ୍ୟାସ ସଂଯୋଗ, ମନରେଗାରେ ୩୫୦ କୋଟି ଖର୍ଚ୍ଚ ଏପରି ଭାବେ ପ୍ରାୟ ୪ ହଜାର କୋଟି ଟଙ୍କା ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀରୁ ପଠାଇଛନ୍ତି ।

## ଶତ ପ୍ରତିଶତ ମତଦାନ ପାଇଁ ଭୋଟରଙ୍କୁ ଆହ୍ୱାନ

କେନ୍ଦ୍ରାପଡ଼ା, ୨୩/୪ (ନି.ପ୍ର): “ସୁଗମ ନିର୍ବାଚନ-୨୦୨୪ ବିଷୟରେ ଏକ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ କରଯାଇଥିଲା”। ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର(ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତି ରୂପାଲୀ ପ୍ରିୟଦର୍ଶିନୀ, ସମସ୍ତ ବ୍ଳକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର କମ୍ୟୁନିଟି ଅର୍ଗାନାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଦିବ୍ୟାଙ୍ଗଜନ ଏବଂ ବୟୋବୃଦ୍ଧ ଭୋଟରମାନେ ଯେପରି ଭାବେ ସହଜ ଏବଂ ସୁବିଧାରେ ସକ୍ଷମ ବାହନ ଯୋଗେ ମାଗଣାରେ ତାଙ୍କର ଘରୁ ଆସି ବୁଥରେ ଭୋଟ୍‌ଦେଇ ପୁଣି ତାଙ୍କର ଘରକୁ ଫେରିପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ଉପ-ଜିଲ୍ଲାପାଳ ଦିବ୍ୟାଙ୍ଗ ଏବଂ ବୟୋବୃଦ୍ଧ ଭୋଟରଙ୍କ ନିମନ୍ତେ ଉଦ୍ଦିଷ୍ଟ ପୋଷ୍ଟାଲ ବାଲାର୍ଟର ବ୍ୟବସ୍ଥା ଉପରେ ବୁଝାଇଥିଲେ। ଡେପୁଟି କଲେକ୍ଟର(ନିର୍ବାଚନ) ଯେପରି ଉପରୋକ୍ତ ଭୋଟର ବର୍ଗ ଶତ-ପ୍ରତିଶତ ଭୋଟିଂ ପର୍ବରେ ଅଂଶଗ୍ରହଣ କରି କେନ୍ଦ୍ରାପଡ଼ାକୁ ଗୌରବାନିତ୍ୱ କରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶମତେ ପ୍ରତି ବୁଥ୍‌ରେ ସେମାନଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ଓ ସେମାନଙ୍କୁ ସହାୟତା କରିବାକୁ ପ୍ରତି ବୁଥ୍‌ରେ ଜଣେ କରି ସ୍ୱେଚ୍ଛାସେବୀ ରହି ସେବା ଯୋଗାଇ ଦେବାସହ ସେମାନଙ୍କୁ ସହଜରେ କିପରି ଭୋଟ ଦାନ କରାଇ ପାରିବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୁଝାଇଥିଲେ। ସର୍ବୋପରି ସବୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ କମ୍ୟୁନିଟି ଅର୍ଗାନାଇଜରମାନେ ସେମାନଙ୍କ ସ୍ତରରେ ବୈଠକ କରି ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଆସନ୍ତା ଶୁକ୍ରବାରରୁ ଦୁଇଟି ସଚେତନତା ରଥ ଜିଲ୍ଲା କାର୍ଯ୍ୟାଳୟରୁ ସଚେତନତା ବାର୍ତ୍ତା ଧରି ପ୍ରତି ବ୍ଲକ ଅଂଚଳରେ ଦୁଇଦିନ ଓ ମ୍ୟୁନିସିପାଲିଟି ଅଂଚଳରେ ଏକ ଦିନ କରି ପ୍ରଚାର-ପ୍ରସାର କରାଇବାକୁ ସ୍ଥିର ହୋଇଥିଲାବେଳେ ନିର୍ବାଚନ ସମୟରେ ଉପରୋକ୍ତ ଭୋଟରମାନଙ୍କୁ ଭୋଟ୍‌ଗ୍ରହଣ କେନ୍ଦ୍ରକୁ ଆଣିବା ଓ ନେଇ ପୁଣି ଛାଡ଼ିବା ନିମନ୍ତେ ସୁଗମ ବାହନର ବ୍ୟବସ୍ଥା କରିବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଶେଷରେ ଜିଲ୍ଲା ସାମାଜିକ ଅଧିକାରୀଙ୍କ କାର୍ଯ୍ୟାଳୟର ବ୍ଲକ ସମାଜିକ ଅଧିକାରୀ ଶ୍ରୀ ସୁଧାଂଶୁ କୁମାର ବେହୁରା ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗ୍ରୀଷ୍ମ ପ୍ରବାହରୁ ନିସ୍ତାର....

ପ୍ରବଳ ଗୁଳୁଗୁଳି ହେବାର ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରବଳ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, ନୟାଗଡ଼, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଦିନ ଅର୍ଥାତ ଶୁକ୍ରବାର ବାରିପଦା, ଅନୁଗୋଳ, ବୌଦ୍ଧ, ନୂଆପଡ଼ା, ଭବାନୀପାଟଣା, ସୋନପୁର ଜିଲ୍ଲାର ତାତି ୪୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର, କଟକ, କେନ୍ଦୁଝର, ଢେଙ୍କାନାଳ, ନୂଆପଡ଼ା, ପାରଳାଖେମୁଣ୍ଡି, ରାୟଗଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ଟିଟିଲାଗଡ଼, ସମ୍ବଲପୁର, ମାଲକାନଗିରି ଜିଲ୍ଲାର ତାପମାତ୍ର ୪୨ ଡିଗ୍ରୀ ରହିବ। ସେହିପରି ନବରଙ୍ଗପୁର, ବରଗଡ଼, ଫୁଲବାଣୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଚାନ୍ଦବାଲି, ଭଦ୍ରକ ଜିଲ୍ଲାର ତାପମାତ୍ରା ୪୧ ଡିଗ୍ରୀ ରହିପାରେ। ଏହାଛଡ଼ା ରାଉରକେଲାରେ ୪୦ ଡିଗ୍ରୀ, ଦେବଗଡ଼ରେ ୩୯ ଡିଗ୍ରୀ, କୋରାପୁଟରେ ୩୮ ଡିଗ୍ରୀ, ଗୋପାଳପୁରରେ ୩୫, ଛତ୍ରପୁରରେ ୩୫ ଡିଗ୍ରୀ, ପୁରୀରେ ୩୩ ଡିଗ୍ରୀ, ପାରାଦୀପର ତାମପାତ୍ରା ୩୫ ଡିଗ୍ରୀ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେବାର ରହିଛି। ଅସ୍ତବ୍ୟସ୍ତ ହୋଇଯିବ ଜୀବନ ଯାତ୍ରା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରିଥିବା ବୁଲେଟିନ୍ ଅନୁସାରେ ବାରିପଦା ଓ ବୌଦ୍ଧର ତାତି ୪୪ ଡିଗ୍ରୀ ଏବଂ ରାଜଧାନୀ ଭୁବନେଶ୍ୱରରେ ୪୩ ଡିଗ୍ରୀ ହୋଇପାରେ। ସେହିପରି ଝାରସୁଗୁଡ଼ା, ଅନୁଗୋଳ, କେନ୍ଦୁଝର, ବଲାଙ୍ଗିର, ସମ୍ବଲପୁର, ଟିଟିଲାଗଡ଼, ଭବାନୀପାଟଣା, ପାରଳାଖେମୁଣ୍ଡି, ମାଲକାନଗିରି, ନୂଆପଡ଼ା ଜିଲ୍ଲାର ତାତି ୪୩ ଡିଗ୍ରୀ ହେବ। ସୁନ୍ଦରଗଡ଼, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ଚାନ୍ଦବାଲି, ଢେଙ୍କାନାଳ, ଫୁଲବାଣୀ, ବାଲେଶ୍ୱର, ଯାଜପୁରର ତାତି ୪୨ ଡିଗ୍ରୀ ହୋଇପାରେ। ଏହାଛଡା ଭଦ୍ରକ, କେନ୍ଦ୍ରାପଡ଼ା, ରାଉରକେଲା, ନବରଙ୍ଗପୁରର ତାପମାତ୍ରା ୪୧ ଡିଗ୍ରୀ ହୋଇପାରେ।

### ବିଜେଡି ଛାଡ଼ିଲେ ରାସେଶ୍ୱରୀ ....

ପାଇଁ ଅବମାନନା। ସମ୍ବଲପୁରକୁ ଅଣଦେଖା କରାଗଲା। ତାହା ମୋତେ ବାଧିଛି। ସେ କହିଛନ୍ତି, ଦଳ ଛାଡ଼ିବା ନିଷ୍ପତ୍ତି ପାଇଁ କଷ୍ଟ ଲାଗୁଛି। କିନ୍ତୁ ସମ୍ବଲପୁରବାସୀ ମୋ ପାଇଁ ଆଗ। ସମାଜସେବା କରୁଛି। ଆଗକୁ ବି ଏହା ଜାରି ରହିବ। ଆଗାମୀ ଦିନରେ କୌଣସି ପଲିଟିକାଲ୍ ଆକ୍ଟିଭିଟି କରିବିନି। ତେବେ ପ୍ରତ୍ୟକ୍ଷ ରାଜନୀତିରୁ ସେ ସନ୍ନ୍ୟାସ ନେଇ ଯିବେ କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରେ ରାସେଶ୍ୱରୀ କହିଥିଲେ ଯେ ସମୟ କହିବ। ସମ୍ବଲପୁର ଆସନରୁ ୨୦୧୪ରେ ବିଜେଡି ଟିକେଟରେ ବିଧାନସଭାକୁ ଯାଇଥିଲେ ରାସେଶ୍ୱରୀ ପାଣିଗ୍ରାହୀ। ଜୟନାରାୟଣ ମିଶ୍ରଙ୍କୁ ସେ ପ୍ରାୟ ୧୦ ହଜାର ଭୋଟରେ ହରାଇଥିଲେ। କିନ୍ତୁ ୨୦୧୯ରେ ସେ ଜୟନାରାୟଣଙ୍କଠାରୁ ୪ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ ହୋଇଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରଥମେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସେ ସେଠାରୁ ପ୍ରାର୍ଥୀ ହେବାକୁ ଅମଙ୍ଗ ହୋଇଥିଲେ। ତା’ପରେ ତାଙ୍କୁ ରେଢ଼ାଖୋଲ ଆସନ ଦେଇ ସେଠାରେ ପ୍ରାର୍ଥୀ କରିଥିବା ରୋହିତ ପୂଜାରୀଙ୍କୁ ସମ୍ବଲପୁରରୁ ପ୍ରାର୍ଥୀ କରିଛି ଦଳ। ସେହିପରି ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ଏଥର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରାର୍ଥୀ କରିଛି।

### କାଲି ବିଜେଡି ...

ସୀମାରାଣୀ ନାୟକ। ଆଜି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିବା ପରେ ତାଙ୍କ ଆଖି ଏକ ପ୍ରକାର ଛଳ ଛଳ ହୋଇଯାଇଥିଲା। ସେ କହିଥିଲେ- ମୁଁ ଦୁଇ ଦୁଇ ଥରର ବିଧାୟିକା ହୋଇ ବି ମୋ’ ପାଖରେ ଟଙ୍କା ନାହିଁ। ମୁଁ ଦଳ ପାଇଁ ବହୁତ କାମ କରିଛି । ହେଲେ ଦଳ ମୋତେ ଅଣଦେଖା କଲା। କିଛି ମୁଷ୍ଟିମେୟ ଲୋକଙ୍କ ରିପୋର୍ଟ ଆଧାରରେ ମୋ’ ଟିକେଟ କାଟି ଦେଇଛନ୍ତି । ମୋ’ ରିପୋର୍ଟ ଭଲ ନାହିଁ ବୋଲି ଯଦି ଜାଣିଲେ ମୋତେ ଅବଗତ କରିବା କଥା। ହେଲେ ମୋତେ ଅଣଦେଖା କରି ଅନ୍ୟ ଜଣଙ୍କୁ ଟିକେଟ ଦେଲେ। ମୁଁ ଜଣେ ଅନୁସୂଚିତ ଜାତି ଓ ମଧ୍ୟବିତ ପରିବାରର ଲୋକେ। କମ୍ପାନୀ, ଖଣି, ମୁଷ୍ଟିମେୟ ଲୋକଙ୍କ ହାତରେ ପଇସା। ଯାହା ହାତରେ ପଇସା ତା’ ହାତରେ କ୍ଷମତା। ହେଲେ ମୁଁ ତୃଣମୂଳ ସ୍ତରରୁ ଆସିଛି ବୋଲି କୋହଭରା କଣ୍ଠରେ କହିଥିଲେ ସୀମାରାଣୀ। ସୂଚନାଯୋଗ୍ୟ, ୨୦୧୪ ଓ ୨୦୧୯ ନିର୍ବାଚନରେ ସୀମାରାଣୀ ନାୟକ ହିନ୍ଦୋଳରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ଓଡ଼ିଶା ପାଇଁ ବିଜେପିର....

ବିଶ୍ୱେଶ୍ୱର ଟୁଡୁ, ଜୟ ନାରାୟଣ ମିଶ୍ର, ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେଦାର ନାଥ କଶ୍ୟପ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବସନ୍ତ କୁମାର ପଣ୍ଡା, ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ସମୀର ମହାନ୍ତି, ମାନସ କୁମାର ମହାନ୍ତି, ଗୋଲକ ପ୍ରସାଦ ମହାପାତ୍ର, ପୂର୍ଣ୍ଣିମା କେରକେଟ୍ଟା, ସାରଦା ପ୍ରସାଦ ଶତପଥୀ, ରମେଶ ସାହୁ, ଅନୁଭବ ମହାନ୍ତି, ହରିହର ମହାପାତ୍ର, ପିଙ୍କି ପ୍ରଧାନ ଓ ଶ୍ରୀତମ ଦାସ। ଏହା ପୂର୍ବରୁ ବିଜେଡି ତା’ର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରି ସାରିଛି। ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣଙ୍କ ନାଁ ରହିଛି।

### ମୋକିମଙ୍କୁ ସୁପ୍ରିମ ...

ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ଆଣି ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ତେଣୁ ଆମେ ବେଶ୍ ଖୁସି ଅଛୁ। ନିର୍ବାଚନ ଲଢ଼ିବା, ନ ଲଢ଼ିବା ନେଇ କିଛି ସ୍ପଷ୍ଟ ହୋଇନି । ୨୦୦୦ ମସିହାରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଡିସିଏଫସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା। ତେବେ ଋଣ ନ ସୁଝିବା ଯୋଗୁ ୩୧ ଜୁଲାଇ ୨୦୦୭ ସୁଦ୍ଧା ମେଟ୍ରୋ ବିଲ୍ଡର ଉପରେ ୬କୋଟିରୁ ଅଧିକ ଟଙ୍କା ପେଣ୍ଡିଂ ରହିଥିଲା। ଫଳରେ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ମେଟ୍ରୋ ବିଲଡର୍ସ ପକ୍ଷରୁ ଋଣ ଆବେଦନ ସମୟରେ ଦାଖଲ କରାଯାଇଥିବା ଅଧିକାଂଶ ଡକ୍ୟୁମେଣ୍ଟ ନକଲି ଥିଲା। ପୁଣି ଉଚିତ ପରିମାଣର ସିକ୍ୟୁରିଟି ଡିପୋଜିଟ୍ ନରଖି ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡକୁ ଋଣ ଦିଆଯାଇଥିଲା। ସମସ୍ତ ଅଭିଯୁକ୍ତ ଅପରାଧିକ ଷଡ଼ଯନ୍ତ୍ର କରି ସରକାରଙ୍କୁ କ୍ଷତି ପହଞ୍ଚାଇଥିଲେ ଓ ଅନୁଚିତ ଉପାୟରେ ଏକ ବିଲଡର ସଂସ୍ଥାକୁ ଲାଭ ଦେଇଥିଲେ। ଏହି ମାମଲାରେ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ କରିଥିଲେ ଭିଜିଲାନ୍ସ କୋର୍ଟ ।

### ବିଜ୍ଞାପନର ଆକାର ଯେତିକି ....

ପଚାରିଛନ୍ତି। ଏହାର ଉତ୍ତରରେ ପତଞ୍ଜଳି ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଛି ଯେ, ୬୭ଟି ଖବରକାଗଜରେ କ୍ଷମା ମଗାଯାଇଛି। ବିଜ୍ଞାପନଗୁଡ଼ିକର ମୂଲ୍ୟ ୧୦ ଲକ୍ଷ ଟଙ୍କା। ଏଥିରେ ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ସାମ୍ବାଦିକ ସମ୍ମିଳନୀ କରିବା ଓ ବିଜ୍ଞାପନରେ ଭୁଲ୍ ଦାବି କରିବାକୁ ନେଇ ପତଞ୍ଜଳି କ୍ଷମା ମାଗିଛି। ପତଞ୍ଜଳି ଆୟୁର୍ବେଦ ସୁପ୍ରିମକୋର୍ଟର ଗାରିମାକୁ ସମ୍ମାନ କରେ। ଭବିଷ୍ୟତରେ ଏଭଳି ଭୁଲ୍ ଆଉ ହେବ ନାହିଁ ବୋଲି ପତଞ୍ଜଳି ତରଫରୁ ପ୍ରକାଶିତ କ୍ଷମା ପ୍ରାର୍ଥନାରେ କୁହାଯାଇଛି। ତେବେ ଏହି କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ପତଞ୍ଜଳି କ୍ଷମା ପ୍ରାର୍ଥନାର ବିଜ୍ଞାପନକୁ ପୁଣି ଥରେ ବଡ ସାଇଜ୍ ଆକାରରେ ଜାରି କରିବାକୁ କୋର୍ଟ ରାମଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ କୋର୍ଟ ରାମଦେବ ଏବଂ ବାଳକୃଷ୍ଣଙ୍କୁ ଏପ୍ରିଲ ୩୦ରେ ପୁନର୍ବାର ହାଜର ହେବାକୁ କହିଛନ୍ତି।

### ଶହେ ଟଙ୍କା ପାଇଁ ...

ଟଙ୍କା ପାଇଁ ମାନସ ଓ ତାଙ୍କ ପୁଅଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା । ଏପରିକି ଘରୁ ନ ପଳାଇଲେ ପରିଣାମ ଭୟଙ୍କର ହେବ ବୋଲି ପୁଅ ବାପାଙ୍କୁ ଧମକ ଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଡ଼ିଥିବା ମାନସ ସୁଯୋଗ ଅପେକ୍ଷାରେ ଥିଲେ। ଏହାପରେ ପୁଅ ଖଟରେ ଶୋଇଥିବା ବେଳେ ତା’ ବେକକୁ କଟୁରୀରେ ହାଣି ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ପୁଅ ଚିତ୍କାର କରୁଥିବା ବେଳେ ମାନସ ଘରୁ ପଳାଇବାକୁ ଚେଷ୍ଟା କରୁଥିଲେ। ମାତ୍ର ଗାଁ ଲୋକେ ତାଙ୍କୁ ବାନ୍ଧି ପକାଇ ପୁଲିସ୍‌କୁ ଖବର ଦେଇଥିଲେ। ମାହାଙ୍ଗା ପୁଲିସ୍ ପହଞ୍ଚି ମାନସଙ୍କୁ ବାନ୍ଧି ଥାନାକୁ ନେଇଛି। ଏଥିସହ ତାଙ୍କ ପୁଅଙ୍କୁ ପ୍ରଥମେ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ରଂଗରଂଗାରେ ବାଦିପାଲା

କୋରେଇ, ୨୩/୪ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ରଂଗରଙ୍ଗା ଗ୍ରାମରେ ୪ଦିନ ବ୍ୟାପି ବାଦିପାଲା ଚାଲୁରହିଛି । ପ୍ରତିବର୍ଷ ପରି ଚଳିତ ବର୍ଷ ରଂଗରଂଗା ଗ୍ରାମର ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପାଲା ପରିଷଦ ପକ୍ଷରୁ ଆୟୋଜିତ ବାଦିପାଲା କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଗୋଡିପଲ୍ଲୀର ଗାୟକ ଭାଷାରତ୍ନ ଶ୍ରୀଯୁକ୍ତ ଖଗେଶ୍ୱର ମାର୍ଥା ଓ ପୁରୀ ଘୋରଡିଆର ଗାୟକ ବାଣିକଣ୍ଠ ବସନ୍ତ କୁମାର ମହାରଣା ଯୋଗଦେଇଛନ୍ତି । ପାଲା ସଂସ୍କୃତିକୁ ବଂଚାଇ ରଖିବାରେ ରଂଗରଂଗା ଗ୍ରାମର ସମସ୍ତ ଅଧିବାସୀ ସହଯୋଗର ହାତ ବଢାଇବା ସହ ଶହ ଶହ ମହିଳା ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଗୋଡିଖାଲ ଜୋନ୍ ଛଚିନା ଶିବମୁନି ଯୋଗାଶ୍ରମରେ ଯୋଗ ଶିକ୍ଷକ କର୍ମଶାଳା

ଛଚିନା , ୨୩/୪ (ନି.ପ୍ର): ପ୍ରାନ୍ତୀୟ ଅଧକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି, ଆତ୍ମଜ୍ଞାନୀ ଯୋଗୀ ଦଶରଥ ପଣ୍ଡା ମହୋଦୟ , ଆତ୍ମଜ୍ଞାନୀ ପ୍ରାନ୍ତୀୟ ମହାମନ୍ତ୍ରୀ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ମୁନି ଜୀ ଏବଂ ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ଙ୍କ ଅଧ୍ୟକ୍ଷତାରେ,ଗୋଡିଖାଳ ଜୋନ୍ ର ସମସ୍ତ ଶାଖାର ଯୋଗଶିକ୍ଷ ଯୋଗଶିକ୍ଷୟିତ୍ରୀ ପ୍ରମୁଖ ମାନଙ୍କୁ ନେଇ,ଯୋଗଶିକ୍ଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ପ୍ରାରମ୍ଭରେ ସମୂହ ପ୍ରଣବ ଶୁଭ ଭାବନା ଶାନ୍ତି ପାଠ କରାଯାଇ, ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସୁ ପୁତ୍ର ଇ'ନିଶୀଥ ନୟନ ବାରିକଙ୍କ ୪୦ ତମ ଏବଂ ସୁ ପୁତ୍ରବଧୂ ଲିପିକା ବାଛିନୀଙ୍କ ୩୨ ତମ ଶୁଭ ଜନ୍ମଦିନ ଉପଲକ୍ଷେ, ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। କର୍ମଶାଳାର ଉଦ୍ଦେଶ୍ୟ, କର୍ମଶାଳା ର ଆବଶ୍ୟକତା, ମୁନି ସମାଜ ସ୍ଥାପନର ଉଦ୍ଦେଶ୍ୟ,ଦୈନନ୍ଦିନ ନିୟମିତ ଯୋଗ ସାଧନ,ସଦ୍ ଗୁରୁଦେବଙ୍କ ରଚିତ ସଚୀତ୍ର ଯୋଗ ସାଧନ ଏବଂ ସଦ୍ ଗୁରୁଭାଷ୍ୟ, ସଙ୍ଗଠନିଖ ନିୟମ ଶୃଙ୍ଖଳା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅପରାହ୍ନ ତିନିଟା ତିରିଶି ମିନିଟ ସମୟରେ କର୍ମଶାଳା ସମାପନ କରାଯାଇଥିଲା ।



# ଖାଦ୍ୟ ଯୋଜନାରେ ସାମିଲ ହୋଇପାରିଲେ ନାହିଁ ଦିନମଜୁରିଆଙ୍କ ପରିବାର

ଉଦଲା, ୨୩/୪ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରଇବାରି ହୋଙ୍କ ପରିବାର ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଉଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଏକ ଗରିବ ପରିବାର ଏ ପର୍ଯ୍ୟନ୍ତ ସରକାରଙ୍କର ଖାଦ୍ୟ ଯୋଜନାରେ ସାମିଲ ହୋଇପାରି ନାହାଁନ୍ତି । ରଇବାରିଙ୍କ କହିବାନୁସାରେ ତାଙ୍କର ସ୍ୱାମି ରୁହିଆ ମୁର୍ମୁ ଓ ଗୋଟିଏ ଛୋଟ ପିଲାକୁ ମିଶାଇ ତାଙ୍କ ପରିବାର ସଦସ୍ୟ ସଂଖ୍ୟା ମୋଟ ୩ ଜଣ ଅଟନ୍ତି । ଖାଲି ସେତିକି ନୁହେଁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ଆବାସ ଯୋଜନାରେ ଘର ଓ ବିଦ୍ୟୁତ ଲାଇନ ମଧ୍ୟ ତାଙ୍କ ପରିବାର ପାଇପାରି ନଥିବାର କଥା ଗଣମାଧ୍ୟମକୁ ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ରଇବାରି କହିଛନ୍ତି । ବିଭାଗୀୟ କତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



# ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୨୩/୦୪ (ନି.ପ୍ର): ବୁଦ୍ଧ ମନ୍ଦିର ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ତାଙ୍କର ପ୍ରତିମୂର୍ତ୍ତି ରେ ପୂଜ୍ୟପୂଜାର ଏହି ଅବସରରେ ତାଙ୍କର ପ୍ରତିମୂର୍ତ୍ତି ରେ ସକାଳେ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟା ୫ଟାରୁ ଦେଶାତ୍ମବୋଧକ କବିତା ପାଠ ସହିତ ସ୍ମୃତିଚାରଣ କରାଯାଇଥିଲା । କବିତା ପାଠୋତ୍ସବର ପ୍ରାରଂଭରେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ଜାତୀୟ କବିଂକ ନାମରେ 'ବାଂଛାନିଧି ଚକଳା' ନାମକ ଏକ ଦେଶ ଗଠନକୁ ଏକ ଅନନ୍ୟ ଘଟଣା,କବି ବାଂଛାନିଧିଂକର କବିତା ଆବୃତି ସହ ଇରମ ଗୁଳିକାଂଡ ଉପରେ ଆଲୋକପାତ କରିଥିଲେ । କବିତା ସଂଯୋଜନାରେ ସଭାପତିତ୍ୱ କରିଥିଲେ ସ୍ମୃତିଶାନ୍ତ୍ୱନାର ସମ୍ପାଦିକା କବି ସବିତାରାଣୀ ବେହେରା ,ସଂଯୋଜନାରେ କବି ମାନଗୋବିନ୍ଦ ବାରିକ, କବି ବିଜୟ ବହଳି । ସଭାରେ ସଭାପତିତ୍ୱ କରିଥିଲେ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ । ମୁଖ୍ୟ ଅତିଥି ଡ. ରବିନାରାୟଣ ସେନାପତି ଭଦ୍ରକ ଏବଂ ବାଞ୍ଛାନିଧି ମହାନ୍ତିଙ୍କର ଜାତିପ୍ରୀତି ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ଗାନ୍ଧୀ ବାଦୀ ଏବଂ ସ୍ତମ୍ଭକାର ଶ୍ରୀ ପ୍ରହଲ୍ଲାଦ ସିଂ ବାଞ୍ଛାନିଧି ମହାନ୍ତିଙ୍କର ବହୁମୁଖୀ ପ୍ରତିଭା ଏବଂ ଅଗ୍ନିବର୍ଷୀ କବିତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତା ଭାବରେ ବାସୁଦେବପୁର ଅଟଳ ବିହାରୀ କଲେଜର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଲାଇ ଇରମ ଓ ବାଞ୍ଛାନିଧିଙ୍କ ଉପରେ ପୂଜ୍ୟପୂଜାର ପରମ୍ପରା ଉପରେ ଆଲୋଚନା କରିଥିଲେ । ଏହି ସଭାରେ ପ୍ରଫେସର ହରେକୃଷ୍ଣ ଦାଶ , ଗବେଷକ ଡ. ଶିଶିର କୁମାର କର ଏବଂ ଡ. ଅରବିନ୍ଦ ଗିରିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ବେଦପାଠ କରିଥିଲେ ସଲିଳା ମହାନ୍ତି ଏବଂ ତରୁଣବାଳା ମହାପାତ୍ର । ସଭାରେ ଗୁରୁକଲ୍ୟାଣ ମହାପାତ୍ର, ଭାସ୍କର ଜେନା, ବିଭୂତି ପାଣିଗ୍ରାହୀ, ଉମାକାନ୍ତ ରାଉତ,ଡ.ବାସଂତୀ ମହାଂତି, ଡ ପ୍ରଭାତ କୁମାର ଆଦି ବହୁ ବିଶିଷ୍ଟ କବି ,ସାହିତ୍ୟ ପ୍ରେମୀ ବ୍ୟକ୍ତି ଯୋଗ ଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ନିରୋଦ କୁମାର ରାଉତ ।

# କୋର୍ଟ ଦ୍ୱାରା ବିଷ୍ଣୁପୁର ସରପଞ୍ଚ ଅଯୋଗ୍ୟ ଘୋଷିତ



ବାଲିଆପାଳ , ୨୩/୪ (ନି.ପ୍ର): ବାଲେଶ୍ୱର ସିଭିଲ ଜଜ୍ କୋର୍ଟ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚଙ୍କୁ ଏକ ମାମଲାରେ ବିଚାର କରି ଏବେ ଅଯୋଗ୍ୟ ଘୋଷଣା କରିଛନ୍ତି। କୋର୍ଟ ଗତ ୨୦ ତାରିଖ ଦିନ ଚିଠି ନଂ ୦୩/ ୨୦୨୨ ମୂଳେ ଏହି ନିର୍ଦ୍ଦେଶ ଦେଇ ଛନ୍ତି। ସେହି ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ସାନି ନିର୍ବାଚନ କରିବା ପାଇଁ କତୃପକ୍ଷଙ୍କୁ ମଧ୍ୟ କୋର୍ଟ ନିର୍ଦ୍ଦେଶ କରିଛନ୍ତି। ତେବେ ଏ ବାବଦରେ ସରପଞ୍ଚ ମହେଶ୍ୱର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଏହି ରାୟ ବିରୋଧରେ ସେ କୋର୍ଟରେ ପୁନଃ ଆବେଦନ କରିବା ସହିତ ଦରକାର ପଡ଼ିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସହାୟତା ନେବେ ବୋଲି କହିଛନ୍ତି। ଏହି ଘଟଣା ର୍ସ୍ୱତ୍ର ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଛି।

# ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗ ନେବେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ୬ ଖେଳାଳୀ

ବାରିପଦା , ୨୩/୪ (ନି.ପ୍ର): ଚଳିତ ମାସ ୨୭ ଓ ୨୮ ତାରିଖ ମହାରାଷ୍ଟ୍ର ପୁନେର ବେଲୱାଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୭ ବର୍ଷରୁ କମ୍ ୬୭ ତମ ଜାତୀୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୮ଜଣ ସ୍ଥାନ ପାଇଛନ୍ତି ଓ ସେମାନଙ୍କ ମଧ୍ୟରୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, ମୟୂରଭଞ୍ଜର ୬ ଜଣ ଖେଳାଳୀ ଓଡିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ସେମାନେ ହେଲେ ଶ୍ରୀଅରବିନ୍ଦ ହାଇସ୍କୁଲରେ ଅଧ୍ୟୟନରତ ଦୀପକ ବେହେରା, ଶ୍ରୀପଦଗଞ୍ଜ ହାଇସ୍କୁଲର ସୋନେର ସିଂ ବେଶ୍ରା, ରାଣୀଭୋଳ ବାଳିକା ହାଇସ୍କୁଲର ସୁମିତ୍ରା ମୁର୍ମୁ, ପାୟେଲ ହାଁସଦା, ବାସନ୍ତୀ ମୁର୍ମୁ ଓ ହିଷୀ ଟୁଡୁ । ସମସ୍ତେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ବିଗତ ୨ବର୍ଷରୁ କ୍ରୀଡ଼ା ପ୍ରଶିକ୍ଷଣ ନେଉଛନ୍ତି । ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୁରଭଞ୍ଜ କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂହ , ମଙ୍ଗଲ ହାଁସଦା, ରୂପାଲି ସୋରେନ, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣିସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରକାଶ ଥାଉକି ବିଗତ ଦିନ ମାନଙ୍କରେ ବହୁ ପୁରୁଷ ଓ ମହିଳା ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ମାନର ଖେଳ ପ୍ରଦର୍ଶନ କରିବା ସହିତ ବହୁ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି ।



# ଜାହାଜରୁ ମିଳିଲା ଯୁବକଙ୍କ ମୃତ ଶରୀର

ପାରାଦୀପ, ୨୩/୪ (ନି.ପ୍ର): ପାରାଦୀପ ବନ୍ଦର ରେ ଏକ ଜାହାଜ ରୁ ଉଦ୍ଧାର ହେଲା ଗଳିତ ଶବ। ପ୍ରାୟ ଦୁଇ ଦିନ ତଳେ ଜାହାଜ ର ଲ୍ୟାଡର ବା ଶିଡି ଘରେ ମରିଥିବା ଜଣାପଡିଛି। ମୃତକର ପରିଚୟ ବିଭୁତି ବାରିକ୍ ଓ ତାର ଘର ବଡ଼ମ୍ବା ନରସିଂହପୁର ଅଞ୍ଚଳ ର ହୋଇଥିବା ବେଳେ ସେ ଏଠାରେ ଲୋଡର୍ ଅପୋରେଟର ଭାବେ କାର୍ଯ୍ୟ କରୁଥିଲା । ତେବେ ତାର ମୃତ୍ୟୁ ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅମ୍ଳଜାନ ଅଭାବ ବା ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବନ୍ଦର ର ଏସ୍.କ୍ୟୁ ବର୍ଥ ରେ ଲାଗିଥିବା ଏମ୍ ଭି ଉଲୁସଏ - ୧୧ ନାମକ ଜାହାଜ ରେ ଏହି ମୃତଦେହ ଉଦ୍ଧାର କରାଯାଇଛି । ତେବେ ଏହି ଜାହାଜ ର ହାଚ୍ ପ୍ରାୟ ୮୦ଫୁଟ ଗଭୀର ହୋଇ ଥିବା ଅନୁମାନ କରାଯାଉଛି। ସେହି ହାଚ୍ ଭିତରକୁ ପ୍ରବେଶ କରିବା ପାଇଁ ଥିବା ସିଡି ଘର ବା ଲ୍ୟାଡର ରୁମ୍ ମଧ୍ୟ ପ୍ରାୟ ୮୦ଫୁଟ ଗଭୀର। ତେଣୁ ଏହି ଶିଡିରେ ଯାତାୟାତ ସମୟରେ କୌଣସି କାରଣରୁ ଖସି ପଡି ମୃତ୍ୟୁ ଘଟିଥାଇ ପାରେ ବୋଲି ଅନୁମାନ କରା ଯାଉଥିବା ବେଳେ ଅମ୍ଳଜାନ ଅଭାବରୁ ଅଣନିଃଶ୍ୱାସୀ ହୋଇ ତାର ମୃତ୍ୟୁ ହୋଇଛି ବୋଲି ଚର୍ଚ୍ଚା ହେଉଛି। ତେବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଶବକୁ ଜବତ୍ କରିବା ଶହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବା ବେଳେ ବାହାଘର ପାଇଁ ବିଭୂତି ର ଗତକାଲି ନିର୍ବନ୍ଧ ଥିଲା ବୋଲି ଶୁଣିବାକୁ ମିଳୁଛି।



# ଗ୍ୟାସ ଟାଙ୍କି ବୋଝେଇରେ ଲାଗିଲା ନିଆଁ: ଅଳ୍ପକେ ବର୍ତ୍ତିଲେ ଚାଳକ ଓ ହେଲପର

ବେତନଟୀ , ୨୩/୪ (ନି.ପ୍ର): ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ଲଙ୍ଗଳକଟା ନିକଟରେ ଆଜି ଏକ ଗ୍ୟାସ ଟାଙ୍କି ବୋଝେଇ ଟ୍ରକ ରେ ନିଆଁ ଲାଗିଯାଇଥିବା ବେଳେ ଦୂର୍ଘଟଣା ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଳକ ଓ ହେଲପର। ଘଟଣା ରୁ ପ୍ରକାଶ ଟ୍ରକ ବୋଝେଇ ଓଡି୦୧ଏସ ୪୫୭୫ ନମ୍ବର ବିଶିଷ୍ଟ ଟ୍ରକ ହୋଇଥିବା ବେଳେ ବାଲେଶ୍ୱର ରୁ ବମ୍ବେଛକ ଅଭିମୁଖେ ଯାଉଥିବା ବେଳେ ଟ୍ରକ ଟି ଲଙ୍ଗଳକଟା ଠାରେ ଦୂର୍ଘଟଣା ଘଟିଥିଲା। ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଓ ବେତନଟୀ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ଯାଇ ନିଆଁ କୁ ଆୟତ କରିଥିଲେ। ଫଳରେ ଆସନ ବିପଦରୁ ଚାଳକ ଓ ହେଲପର ବର୍ତିବା ସହ ବଡ ଦୁର୍ଘଟଣା କୁ ରଖାଯାଇ ପାରିଥିବାର ଜଣାପଡିଛି।

# ଚନ୍ଦନପୁର ସିମେଂଟ ଗୋଦାମରେ ବୋମାମାଡ଼: ଜଣେ ଗିରଫ, ୨ ଫେରାର୍

ପୁରୀ, ୨୩/୪ (ନି.ପ୍ର): ସୋମବାର ସଂଧ୍ୟାରେ ଚନ୍ଦନପୁର ଥାନା ଅନ୍ତର୍ଗତ ବୀରନରସିଂହପୁ ସିଡ଼ି ଛକରେ ଥିବା ସିଂମେଟ ଗୋଦାମକୁ ବୋମାମାଡ଼ ହୋଇଥିଲା । ବୋମାମାଡ଼ କରି ଅଭିଯୁକ୍ତ ଫେରାର ହେଉଥିବା ବେଳେ ଗାଡ଼ି ଦୁର୍ଘଟଣା ହୋଇ ଆହତ ହୋଇଥିଲେ । ପୋଲିସ ଘଟଣାର ତଦନ୍ତ କରି ଦାମୋଦରପୁରର ସରୋଜ କୁମାର ସାହୁଙ୍କୁ ପୋଲିସ ଗିରଫ କରିଛି। ଏ ସମ୍ପର୍କରେ ସଦର ଡ଼ିଏସପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୋଲିସ ପକ୍ଷରୁ ଘଟଣା ବାବଦରେ କୁହାଯାଇଛି ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରିଛି । ସିମେଂଟ ଗୋଦାମକୁ ଅଭିଯୁକ୍ତ ମାନେ ଜୀବନ୍ତ ବୋମା ମାଡ଼ କରିଥିଲେ। ବୋମାମାଡ଼ କରି ଖସି ଯାଉଥିବା ବେଳେ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୋଟରସାଇକେଲରୁ ପବିତ୍ର ମଲ୍ଲିକ ପଡ଼ି ଆହତ ହୋଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ସରୋଜ କୁମାର ସାହୁ ମଙ୍ଗଳବାର ସକାଳୁ ଥାନାରେ ଆତ୍ମସମର୍ପଣ କରିଥିଲେ । ଏହା ସହ ଦୁଇ ଜଣ ଫେରାର୍ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି

# ହାତୀ ଉପଦ୍ରବରେ ୨୦ଏକର ଧାନଫସଲ ନଷ୍ଟ

ବସ୍ତା, ୨୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡିଆ ପଞ୍ଚାୟତ ସଦାନନ୍ଦ ପୁର ଗ୍ରାମରେ ଗତ ରାତିରେ ୫୩ ଟିକିଆ ହାତୀ ପଲ ଚାଷ ଜମିରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛି। ଏହି ଗ୍ରାମର ୩ ଟି ସେଲୁ ପଏଣ୍ଟରେ ୧୫ ରୁ ୨୦ ଏକର ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ରାତିରେ ହାତୀ ଧାନ ବିଲରେ ପଶିଥିବାର ଯାଣି ଗ୍ରାମବାସୀ ଙ୍କ ସହଯୋଗ ରେ ବନ ବିଭାଗ ହାତୀ ଘଉଡାଇ ବାକୁ ଚେଷ୍ଟା କରିଥିଲେ । ମୟୁରଭଞ୍ଜ ବାଲେଶ୍ୱର ସିମାନ୍ତ ଜଙ୍ଗଲ ରେ ୭୦ ଟିକିଆ ହାତୀପଲ ଗତ କିଛି ମାସ ଧରି ଡେରା ପକାଇଛନ୍ତି। ଦିନରେ ଜଙ୍ଗରେ ରହୁଥିବା ବେଳେ ରାତିରେ ମୟୁରଭଞ୍ଜ ଏବଂ ବାଲେଶ୍ୱର ସିମାନ୍ତ ରେ ଥିବା ଗାଁ ରେ ପଶି ଉପଦ୍ରବ କରୁଛନ୍ତି। ଯାହାକୁ ନେଇ ଭୟଭୀତ ହୋଇ ପଡିଛନ୍ତି ଅଞ୍ଚଳବାସୀ। ତେବେ ନଷ୍ଟ ହୋଇଥିବା ଧାନ ଫସଲର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

# ଶ୍ରୀଜୀଉଙ୍କୁ ଦର୍ଶନ କଲେ ସାମ୍ବାଦିକ ସଂଘର ରାଜ୍ୟ ସଭାପତି

ପୁରୀ, ୨୩/୪ (ନି.ପ୍ର): ଓଡ଼ିଶାର ପ୍ରତିଷ୍ଠିତ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)ର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ତାଙ୍କ ସହିତ ତାଙ୍କ ପରିବାର ସଦସ୍ୟ ମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ପୁରୀ ଶାଖା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ସାଂଗଠନିକ କାର୍ଯ୍ୟ ସମ୍ପର୍କରେ ପୁରୀ ଶାଖା ସହ ରାଜ୍ୟ ସଭାପତି ଆଲୋଚନା କରିଥିଲେ । ସାକ୍ଷାତ ଓ ଆଲେଚଚନା ସମୟରେ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ସୁଧାଂଶୁ ଶେଖର କର ଓ ସଭ୍ୟ ସତ୍ୟନାରାୟଣ ପଟ୍ଟନାୟକ,ଦିବ୍ୟରଞ୍ଜନ ବିଶୋଇ ପ୍ରମୁଖ ଆଲୋଚନା କରିଥିଲେ । ପୁରୀ ଶାଖାକୁ ସୁଦୃଢ କରିବା ସହ ୧୧ ବ୍ଲକରେ ସଭ୍ୟ ସଂଗ୍ରହ କରିବାକୁ କହିଥିଲେ । ନିର୍ବାଚନ ସମୟରେ ସାମ୍ବାଦିକ ନିରପେକ୍ଷ ଆଚରଣ, ଉଚ୍ଚାରଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

# ଭଦ୍ରକ ଲୋକସଭା କାର୍ଯ୍ୟାଳୟରେ ମୋଦି ଗ୍ୟାରେଣ୍ଟି ସଂକଳ୍ପପତ୍ରର ଲୋକାର୍ପଣ




ଭଦ୍ରକ, ୨୩/୪ (ନି.ପ୍ର): ଭଦ୍ରକ ବିଜେପି ଲୋକସଭା କାର୍ଯ୍ୟାଳୟରେ ମୋଦି ଗ୍ୟାରେଣ୍ଟି ସଂକଳ୍ପ ପତ୍ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଲୋକସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଲୋକସଭା ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶ ବର୍ଷର ମୋଦିଙ୍କ ଦ୍ୱିତୀୟ ସଂକଳ୍ପ ଘୋଷଣା ପତ୍ରରେ ଅଧାରୁ ଅଧିକ ସଂକଳ୍ପ ପୁରଣ ହୋଇଥିବା ନେଇ ଆଲୋଚନା ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଭଦ୍ରକ ବିଧାନସଭା ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର, ଲୋକସଭା ପ୍ରଭାରୀ ବୈଦ୍ୟନାଥ ଚାଟାର୍ଜୀ, ବରିଷ୍ଠ ନେତା ଭଗ୍ୱାନ ପଣ୍ଡା, ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ, ଶଶିକାନ୍ତ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ବ୍ରଜକିଶୋର ମିଶ୍ର, ଦୂର୍ଗା ଚରଣ ନାୟକ ଓ ଅନ୍ୟ ବରିଷ୍ଠ ନେତୃତ୍ୱ ଉପସ୍ଥିତିରେ ମୋଦି ଗ୍ୟାରେଣ୍ଟି ସଂକଳ୍ପ ପତ୍ର ଲୋକାର୍ପଣ କରାଗଲା ।

# ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଂଟରେ ମତଦାତା ସଚେତନତା

ବାରିପଦା , ୨୩/୪ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଭୋଟ ର ସଚେତନତା କାର୍ଯ୍ୟକ୍ରମ ଓଡ଼ିଆ ବିଭାଗ ର ଅଧ୍ୟାପିକା ତୃପ୍ତି ଦାସ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ନୂଆ ଏବଂ ଯୁବ ଭୋଟର ମାନଙ୍କୁ ଭୋଟ ପ୍ରଦାନ କାର୍ଯ୍ୟକ୍ରମ ରେ ସାମିଲ୍ କରିବା ପାଇଁ ନିର୍ବାଚନ ସମ୍ବନ୍ଧୀୟ ଚିତ୍ରାଙ୍କନ, କୁଇଜ୍, ବକ୍ତୃତା ଆଦି ପ୍ରତିଯୋଗିତା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କରାଯାଇଥିଲା। ମୟୂରଭଞ୍ଜ ଲୋକସଭା ନିର୍ବାଚନ ଆଗାମୀ ଜୁନ୍ ୧ ତାରିଖ କୁ ଧାର୍ଯ୍ୟ ହୋଇଥିବାରୁ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ ଅଭିଭାଷଣ ରଖି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏଥିରେ ବାରିପଦା ର ପୌର ସଭାସ୍ଥିତ( ସି. ଏମ ଏମ. ଇଭ୍ ) ଶ୍ରୀ ଅଜିତ୍ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମତଦାନ ସମ୍ପର୍କିତ ବିଭିନ୍ନ ପ୍ରକାର ସୂଚନା ଦବା ସହିତ ଛାତ୍ର ଛାତ୍ରୀ ମାନଙ୍କ ସହିତ ବିଶେଷ ଭାବରେ ଆଲୋଚନା କରିଥିଲେ। ଏବଂ ଶ୍ରୀମତୀ କୁଣିଆ (ସିଓ ) ବିଶେଷ ବକ୍ତା ହିସାବରେ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ମତଦାନ ର ଗୁରୁତ୍ୱ ବିଷୟ ରେ ବୁଝାଇଥିଲେ। ଏହାଛଡ଼ା ମହାବିଦ୍ୟାଳୟ ର ଅଧାପିକା ମୀରା ସେନାପତି, ରୂପାମଞ୍ଜରି ବେହେରା, ଜ୍ୟୋତିର୍ମୟୀ ଗିରି, ସବିତା ରାଣୀ ଦାସ, ଅଙ୍କିତା ସାହୁ, ଦେବାଶ୍ରିତା ବିଶ୍ୱାଳ, ଦୀପ୍ତିଶ୍ରି ବେହେରା, ସୁଜାତା ପାଲ, ପ୍ରତିଭା ଦାସ, ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ନିମନ୍ତେ ସାମୂହିକ ଶପଥ ପାଠ କରାଇଥିଲେ। ଶେଷ ରେ ପଦାର୍ଥ ବିଜ୍ଞାନ ବିଭାଗ ର ଅଧାପକ ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo